# ଅତିମାନସ ଓ ଦିବ୍ୟକର୍ମ

# ସୂଚନା

ଏହି ପୁସ୍ତକ ପୂର୍ଣ୍ଣଯୋଗର ସାଧନା ଦିଗରୁ ଅତି ଉପାଦେୟ ଓ ଅତି ଆବଶ୍ୟକ । ଏଥିରେ ଆଶ୍ରମରେ କିପରି ଭାଗବତ କର୍ମ କରାଯାଉଛି ଏବଂ ପୂର୍ଣ୍ଣାଙ୍ଗ ଭାଗବତ ଜୀବନରେ ଦିବ୍ୟକର୍ମ କିପରି କରାଯାଇ ପାରେ ସେସମ୍ବନ୍ଧରେ ଅତି ଭିନ୍ନଭିନ୍ନ ବର୍ଣ୍ଣନା ରହିଛି । ରୂପାନ୍ତର ଯୋଗରେ କର୍ମ ଅନିବାର୍ଯ୍ୟ, ସେଥିପାଇଁ ପ୍ରତ୍ୟେକ କର୍ମର ମୂଳ ରହସ୍ୟ ଓ ମୂଲ୍ୟ ଉପଲବ୍ଧି କରିବା ଏକାନ୍ତ ଆବଶ୍ୟକ । ଆଶାକରୁ ପାଠଚକ୍ରର ସାଧକ-ସାଧିକାମାନେ ଏହି ପୁସ୍ତକ ପାଠ କରି ବିଶେଷ ଉପକୃତ ହେବେ ।

— ପ୍ରକାଶକ

## (୧)

# ଭଗବାନଙ୍କ ଯନ୍ତ୍ର ହେବାର ଉପାୟ

ଭଗବାନଙ୍କ ଯନ୍ତ୍ର ହେବାର ଉପାୟ ବା ସାଧନା, ଭଗବାନଙ୍କ ସଂକଳ୍ପ ଅନୁସାରେ କର୍ମ; ସଂସାର ସର୍ଜନା ହୋଇଛି ଭଗବାନଙ୍କ ସଂକଳ୍ପରେ; ପରିଚାଳିତ ତଥା ବିକଶିତ ହେଉଛି ତାଙ୍କରି ସଂକଳ୍ପ ଦ୍ୱାରା । ଭଗବାନଙ୍କ ସଂକଳ୍ପରେ ଏହି ମୃତ୍ୟୁପୁରୀ ପୃଥିବୀରେ, ମୃତ୍ୟୁ-ରୋଗ-ବୃଦ୍ଧତ୍ୱରୁ ମୁକ୍ତ ବିଜ୍ଞାନ-ଆନନ୍ଦଯୁକ୍ତ ଅତି-ମାନବ ଜାତି ସ୍ଥାପନ ତଥା ସ୍ୱର୍ଗରାଜ୍ୟ ପ୍ରତିଷ୍ଠାର ସମୟ ଆସିଛି । ଏହି କାର୍ଯ୍ୟ ସଂପନ୍ନ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି । ଆମ୍ଭେମାନେ ନିଜକୁ ତାଙ୍କ ଚରଣରେ ସମର୍ପଣ କରି, ନିଜ ଅହଂ ସ୍ୱାର୍ଥକୁ ତ୍ୟାଗ କରି ତାଙ୍କ ସେବାରୂପେ ଏହି କର୍ମରେ ଅଂଶ ଗ୍ରହଣ କଲେ ତାଙ୍କର ଯନ୍ତ୍ର ହୋଇପାରିବା ଏବଂ ଆମ୍ଭମାନଙ୍କ ଜୀବନର ଯେଉଁ ମହାନ୍ ଓ ଦୁରୂହ ଲକ୍ଷ୍ୟ, ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି ଯାହାକି ଆଜି ପର୍ଯ୍ୟନ୍ତ ସଂଘଟିତ ହୋଇ ନାହିଁ ତାହା ସହଜରେ ଉପଲବ୍ଧି କରିପାରିବା । ଏହା ଆମ୍ଭମାନଙ୍କ ପକ୍ଷେ ପରମ ସୁଯୋଗ ଓ ପରମ ସୌଭାଗ୍ୟର ବିଷୟ ।

ଆମ୍ଭମାନଙ୍କ ମଧ୍ୟରେ ଅହଂ ସ୍ୱାର୍ଥ ବିଦ୍ୟମାନ ଥିବା ସତ୍ତ୍ୱେ ଆମ୍ଭେମାନେ ମନ ନିର୍ମିତ ନୈତିକ ନିୟମ ଶୃଙ୍ଖଳାରେ ପରିଚାଳିତ ହେଉଅଛୁ । ଏହାହିଁ ଯୁଗର ଧର୍ମ । ଏହି ଯୁଗ ଶେଷ ଅବସ୍ଥାରେ । ନୂତନ ଯୁଗ ପ୍ରତିଷ୍ଠା କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଦିବ୍ୟ ରୂପାନ୍ତରକାରିଣୀ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣି ପ୍ରତିଷ୍ଠା କରିଛନ୍ତି ଏବଂ ଶ୍ରୀମା ଏହି କାର୍ଯ୍ୟ କରୁଛନ୍ତି । ଅତିମାନସ ବିଜ୍ଞାନ ଶକ୍ତି ଦ୍ୱାରା ରୂପାନ୍ତରିତ ଏହି ନୂତନ ଯୁଗର ପ୍ରଣାଳୀ ହେବ ପୁରାତନ ଯୁଗଠାରୁ ସଂପୂର୍ଣ୍ଣ ଭିନ୍ନ । ବ୍ୟକ୍ତି ମନ ନିର୍ମିତ ନୈତିକ ବିଧାନରେ ପରିଚାଳିତ ହେବ ନାହିଁ, ହେବ ଅନ୍ତରସ୍ଥ ଆତ୍ମା ତଥା ଭାଗବତୀ ଅତିମାନସ ଶକ୍ତି ଦ୍ୱାରା । ତା' ଅନ୍ତରର ଅହଂ, ସ୍ୱାର୍ଥ ରୂପାନ୍ତରିତ ହେବ ସମତା, ଶାନ୍ତି, ସମନ୍ୱୟ, ଆତ୍ମ-ଧର୍ମରେ । ସଂସାରର ରାଜନୈତିକ ଆଇନ-ବିଧାନର ଭିତ୍ତି ହେବ ଅଧ୍ୟାତ୍ମ — ଅତିମାନସ ସତ୍ୟ, ପୃଥିବୀ ହେବ ସ୍ୱର୍ଗରେ ପରିଣତ ।

ବର୍ତ୍ତମାନ ପୁରାତନ ଯୁଗର ଶେଷ ଓ ନୂତନ ଯୁଗ ପ୍ରତିଷ୍ଠାର ସନ୍ଧିକ୍ଷଣ । ପୁରାତନ ଯୁଗର ନୈତିକତା ଭାଙ୍ଗି ଯାଇଛି; ନୂତନ-ଯୁଗର ଅତିମାନସ ସତ୍ୟ ପ୍ରତିଷ୍ଠା ହୋଇ ନାହିଁ । ଆମ୍ଭେମାନେ ଏହି ଉଭୟ ଯୁଗର ମଧ୍ୟବର୍ତ୍ତୀ ସ୍ତରରେ ବିଦ୍ୟମାନ । ଯଦିଓ ନୂତନ ଅତିମାନସ ଯୁଗର ଧର୍ମ, କର୍ମ ପ୍ରଣାଳୀ ପୁରାତନ ଯୁଗର ଧର୍ମ ଓ କର୍ମ ପ୍ରଣାଳୀଠାରୁ ସଂପୂର୍ଣ୍ଣ ଭିନ୍ନ ହେବ ବୋଲି ଜାଣୁଛୁ ଏବଂ ନୂତନ ଅତିମାନସ ସତ୍ୟକୁ ଜୀବନର ଲକ୍ଷ୍ୟରୂପେ ଗ୍ରହଣ କରିଛୁ,— ତଥାପି ଏହି ବିଷୟ ଉତ୍ତମ-ରୂପେ ହୃଦୟଙ୍ଗମ କରି ନ ଥିବାରୁ ପୂର୍ବ ଅଭ୍ୟାସ ତଥା ସଂସ୍କାର ବଶତଃ ନୂତନ ଅତିମାନସ ଭାଗବତ କର୍ମକୁ ପୁରାତନ କର୍ମ ପଦ୍ଧତିରେ ଆଚରଣ କରିବାକୁ ଚାହୁଁଛୁ । ନୂତନ ଯୁଗର ସତ୍ୟ ଉପଲବ୍ଧି କରିବାକୁ ହେଲେ ପୁରାତନ କର୍ମ ପଦ୍ଧତି ବା କର୍ମଧାରାକୁ ସଂପୂର୍ଣ୍ଣରୂପେ ପରିତ୍ୟାଗ କରିବାକୁ ହେବ ଏବଂ ନୂତନ ଯୁଗର ଭାବୀ କର୍ମଧାରାର ଆରମ୍ଭିକ ଭିତ୍ତିରୂପେ, ମା'ଙ୍କ ନିର୍ଦ୍ଦେଶରେ ଆଶ୍ରମରେ ଆଚରିତ ହେଉଥିବା କର୍ମର ଆଦର୍ଶକୁ ଗ୍ରହଣ କରିବାକୁ ହେବ ।

ଆମ୍ଭେମାନେ ଆଶ୍ରମ ଆଦର୍ଶରେ ଯେଉଁ କର୍ମ ଗ୍ରହଣ କରିବୁ — ତାହାକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ହେଲା ବ୍ୟକ୍ତି ଯେଉଁ କର୍ମ ନିଜ ସକାଶେ, ପରିବାର ଓ ଦେଶ ସକାଶେ କରୁଛି, ସେହି କର୍ମକୁ ଭଗବାନଙ୍କ ସେବା ମନୋଭାବରେ କରି ଭଗବାନଙ୍କୁ ସମର୍ପଣ କରିବା । ଅନ୍ୟଟି ହେଲା ସଂସାରରେ ଅତିମାନସ ସତ୍ୟ ପ୍ରତିଷ୍ଠା କରିବା ସକାଶେ ମା ଯେଉଁ କର୍ମ କରୁଅଛନ୍ତି ସେଥିରେ ଅଂଶ ଗ୍ରହଣ କରିବା । ଏହି ଦୁଇ ପ୍ରକାର କର୍ମ ମଧ୍ୟରୁ ବ୍ୟକ୍ତି ନିଜ ସ୍ୱଭାବାନୁସାରେ ଗୋଟିଏ ପ୍ରକାର କର୍ମ କରିପାରେ ଅଥବା ଉଭୟ ପ୍ରକାର କର୍ମ କରିପାରେ ।

ବର୍ତ୍ତମାନ ଆମ୍ଭମାନଙ୍କ ସକାଶେ ଗୋଟିଏ ମହାନ୍ ସୁଯୋଗ ଉପସ୍ଥିତ । ମା ଏହି ପୃଥିବୀରେ ଅତିମାନସ ସତ୍ୟ ଉତାରି ଆଣି ଆମ୍ଭମାନଙ୍କୁ ଲକ୍ଷ୍ୟରେ ପହୁଞ୍ଚାଇଦେବା ସକାଶେ ସ୍ୱୟଂ ସାଧନା କରୁଅଛନ୍ତି । ଛୋଟ ଶିଶୁକୁ ଅଙ୍ଗୁଳି ଧରି ଚଳାଇବା ସଦୃଶ, ମା ଆମ୍ଭମାନଙ୍କୁ ସାହାଯ୍ୟ କରି ସାଧନା ମାର୍ଗରେ ଲକ୍ଷ୍ୟ ଦିଗରେ ଅଗ୍ରସର କରାଉଅଛନ୍ତି । ଆମ୍ଭେମାନେ ତାଙ୍କରି ଉପରେ ବିଶ୍ୱାସ ରଖି, ତାଙ୍କ ଚରଣରେ ନିଜକୁ ସମର୍ପଣ କଲେ ଏବଂ ତାଙ୍କରି ଆଦର୍ଶରେ କର୍ମ କଲେ ସହଜରେ ଲକ୍ଷ୍ୟପ୍ରାପ୍ତି କରିପାରିବା ।

ଯେବେ ଯେବେ ସଂସାରରେ ନୂତନ ଚେତନା ପ୍ରତିଷ୍ଠିତ ହେବାର ସମୟ ହୁଏ ଭଗବାନ୍ ସ୍ୱୟଂ ମନୁଷ୍ୟ ଶରୀରରେ ଏହି ପୃଥିବୀରେ ଅବତାର ନେଇ କର୍ମ ଆଚରଣ କରନ୍ତି । ସେହି ଆଚରଣ ହୁଏ ମନୁଷ୍ୟର ଆଦର୍ଶ । ତାହାକୁ ଗ୍ରହଣ କରିବା ବ୍ୟକ୍ତି ହୁଅନ୍ତି ଭଗବାନଙ୍କ ଯନ୍ତ୍ର । ସେମାନଙ୍କ ମଧ୍ୟରେ ପ୍ରତିଷ୍ଠିତ ହୁଏ ନୂତନ ଚେତନା ଏବଂ ସେମାନଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହୁଏ ଭଗବାନଙ୍କ ସଂକଳ୍ପ । ସେମାନେ ହୁଅନ୍ତି ନୂତନ ସତ୍ୟର ଅଗ୍ରଦୂତ ।

ଏହି ଆଦର୍ଶ ପୃଥିବୀରେ ସ୍ଥାପନ କରିବା ସକାଶେ ମା ମନୁଷ୍ୟଜାତିର ପ୍ରତିନିଧି ହୋଇ ସ୍ୱୟଂ ସାଧନା କରୁଛନ୍ତି ଏବଂ ଆଶ୍ରମ ନିର୍ମାଣ କରି ସାଧକମାନଙ୍କର ସମସ୍ତ ଭାର ବହନ କରିଛନ୍ତି; ଆଉ ମଧ୍ୟ ଆଶ୍ରମ ବାହାରେ ଥାଇ ଏହି ଆଦର୍ଶକୁ ଗ୍ରହଣ କରିଥିବା ସାଧକ, ଭକ୍ତ ତଥା ସାହାଯ୍ୟପ୍ରାର୍ଥୀ ବ୍ୟକ୍ତିଙ୍କୁ ସାହାଯ୍ୟ କରୁଛନ୍ତି । ଯେଉଁମାନେ ଏହି ଆଦର୍ଶକୁ ଗ୍ରହଣ କରିବେ, ସେମାନଙ୍କ ମନ-ପ୍ରାଣ-ଶରୀର ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ । ସେମାନେ ମୃତ୍ୟୁ, ଜରା, ରୋଗ, ଦୁଃଖକଷ୍ଟ, ଅଜ୍ଞାନ-ଅନ୍ଧକାର ଶକ୍ତିର କବଳରୁ ପୂର୍ଣ୍ଣତଃ ମୁକ୍ତ ହେବେ । ସେମାନଙ୍କ ରୂପାନ୍ତରିତ ମନ-ପ୍ରାଣ-ଶରୀର ଏକତ୍ୱ ଲାଭ କରିବ ଭଗବାନଙ୍କ ସହିତ । ଭଗବାନଙ୍କ ସଂକଳ୍ପ କାର୍ଯ୍ୟ କରିବ ସେମାନଙ୍କ ମଧ୍ୟରେ । ସେହିମାନେ ପରିଚାଳିତ ହେବେ ଭାଗବତ ଶକ୍ତି ଦ୍ୱାରା । ଏହାଫଳରେ ସଂସାରରୁ ସମସ୍ତ ପ୍ରକାର ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ହିଂସା, ଅସତ୍ୟ, ଅନ୍ୟାୟ, ମିଥ୍ୟାଚାରର ବିଲୋପ ହେବ । ପୃଥିବୀ ସ୍ୱର୍ଗରେ ପରିଣତ ହେବ ।

## ନୂତନ ଯୁଗ କର୍ମ-ପ୍ରଣାଳୀର ଆଦର୍ଶ : ଆଶ୍ରମ

ମା'ଙ୍କର କର୍ମ-କେନ୍ଦ୍ର ହେଉଛି ଆଶ୍ରମ । ତାଙ୍କ କର୍ମ ପ୍ରଣାଳୀ ଯୋଗ-ଦର୍ଶନ ଶାସ୍ତ୍ର ସାହାଯ୍ୟରେ ଠିକ୍ ଠିକ୍ ବୁଝିପାରିଲେ, ସେହି ଆଦର୍ଶକୁ ଆଚରଣ କରିବା ସହଜ ହେବ ।

ଆଶ୍ରମ ଗୋଟିଏ ଟ୍ରଷ୍ଟବୋର୍ଡ଼ ଦ୍ୱାରା ପରିଚାଳିତ ସଂସ୍ଥା । ସେଥିରେ ଆଶ୍ରମର ଚାରିଜଣ ମେମ୍ୱର* ଅଛନ୍ତି ଏବଂ ମା' ସ୍ୱୟଂ ତା'ର ପ୍ରେସିଡେଣ୍ଟ । ଏହା ହେଲା ସଂସାର ବ୍ୟବସ୍ଥାନୁସାରେ କାଗଜପତ୍ରର କଥା । କିନ୍ତୁ ଆଶ୍ରମ ପୂର୍ଣ୍ଣରୂପେ ଏବଂ ଯଥାର୍ଥରେ ପରିଚାଳିତ ହୁଏ ଆଧ୍ୟାତ୍ମିକ ଅତିମାନସ ଶକ୍ତିର ପ୍ରଭାବ ଓ ମା'ଙ୍କ ଶକ୍ତି ଦ୍ୱାରା । ଅଧ୍ୟାତ୍ମ ସଂସ୍ଥା ସର୍ବଦା ଓ ସର୍ବତ୍ର ବାହ୍ୟ ଜାଗତିକ ପ୍ରତିଷ୍ଠାନଠାରୁ ଭିନ୍ନ । ବିଶେଷତଃ ଏହି ଆଶ୍ରମ ଏକେବାରେ ନୂତନ ଧରଣର । ବାହ୍ୟ ଜଗତରେ ସମସ୍ତ ସଂସ୍ଥା ବା କର୍ମ ବାହ୍ୟ-ନିୟନ୍ତ୍ରଣ ଓ ବାହ୍ୟ ବିଧାନ ଦ୍ୱାରା ପରିଚାଳିତ ହୁଏ । ବ୍ୟକ୍ତିର ଅନ୍ତରରେ ଚୋରି କରିବା ପ୍ରବୃତ୍ତି ଥାଇ ଦଣ୍ଡ ଓ ଭୟ ଯୋଗୁଁ ବାହ୍ୟ ଆଚରଣରେ ତଥା କାଗଜ ପତ୍ରରେ ସାଧୁ ସାଜି ଥାଏ । କିନ୍ତୁ ସର୍ବଜ୍ଞ ଭଗବାନଙ୍କ ନିକଟରେ ଏହି କପଟତା ଚଳେ ନାହିଁ । ସେଥିସକାଶେ ଅଧ୍ୟାତ୍ମ-ସଂସ୍ଥାର ସକଳ ନିୟମ ଶୃଙ୍ଖଳା ଆନ୍ତରିକ ଓ ନିଷ୍କପଟଭାବେ ପାଳନ କରାହୁଏ । ଅର୍ଥାତ୍ ବାହ୍ୟ କର୍ମ କେବଳ ଆନ୍ତର ସତ୍ୟଭାବର ଅଭିବ୍ୟକ୍ତି ହୁଏ ।

''ଶ୍ରୀଅରବିନ୍ଦଙ୍କ ଯୋଗର କର୍ମକେନ୍ଦ୍ର ଆଶ୍ରମ ବା ଆଶ୍ରମ ଟ୍ରଷ୍ଟ । ଏହି ଆଶ୍ରମର ଶାଖାପ୍ରଶାଖା ବା ଅଂଶରୂପେ ଅଛି ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ର, ପ୍ରେସ୍, ୱାର୍କସପ୍, ଚାଷ, ସାହିତ୍ୟ ବିଭାଗ, – ଇଂରାଜୀ ଓ ଫ୍ରେଞ୍ଚ, ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ, ମରହଟ୍ଟୀ, ତେଲଗୁ, ତାମିଲ, କନ୍ନଡ଼, ନବଜ୍ୟୋତି କାର୍ଯ୍ୟାଳୟ (ଓଡ଼ିଆ ବିଭାଗ) ଇତ୍ୟାଦି ବହୁତ

* ପୁସ୍ତକଟି (୧୯୬୮) ରଚନା ହେବା ସମୟରେ ଏହି ସଂଖ୍ୟକ ଟ୍ରଷ୍ଟି ଥିଲେ । ଏବେ ପାଞ୍ଚ ଜଣ ।

ବିଭାଗ । ଆଶ୍ରମରେ ଯଦିଓ ମ୍ୟାନେଜିଂ ଟ୍ରଷ୍ଟ ଅଛି ତଥାପି ସମସ୍ତ ବିଭାଗର ବ୍ୟବସ୍ଥାପକମାନେ ପୂର୍ଣ୍ଣ ସ୍ୱତନ୍ତ୍ରତାରେ କାର୍ଯ୍ୟ କରନ୍ତି ଏବଂ ସେମାନଙ୍କର ମା'ଙ୍କ ସହିତ ପ୍ରତ୍ୟକ୍ଷ ବା ସିଧା ସିଧା ସମ୍ବନ୍ଧ ଥାଏ । ଏହି ସଂସ୍ଥାଗୁଡ଼ିକ ପୂର୍ଣ୍ଣତଃ ଜାଗତିକ ପ୍ରଣାଳୀ ଏବଂ କର୍ମସଂପାଦନାର ମନୋଭାବଠାରୁ ଭିନ୍ନ । ସାଧାରଣ ସଂସ୍ଥାନୁସାରେ ଆଶ୍ରମରେ ଜଣେ ପ୍ରଧାନ ସେକ୍ରେଟେରିଙ୍କ ଦାୟିତ୍ୱରେ ସମସ୍ତ ପରିଚାଳନା ଭାର ଦିଆଯାଇ ନାହିଁ । କେହି କାର୍ଯ୍ୟ ପରିଦର୍ଶନ କରନ୍ତି ନାହିଁ । କିନ୍ତୁ ସାଧକମାନେ ଲକ୍ଷ୍ୟପ୍ରାପ୍ତିର ସାଧନା ମନୋଭାବରୁ କର୍ମ କରୁଥିବାରୁ, କର୍ମ ଓ ବ୍ୟବସ୍ଥାରେ ପୂର୍ଣ୍ଣ ସ୍ୱତନ୍ତ୍ରତା ଥାଇ ମଧ୍ୟ, କୌଣସିଠାରେ ବିଶୃଙ୍ଖଳା ବା ଅବ୍ୟବସ୍ଥା ଦେଖାଦିଏ ନାହିଁ । ସାଧାରଣ ପାର୍ଥିବ ସଂସ୍ଥା ଅପେକ୍ଷା ଏହା ଅତି ଉତ୍ତମରୂପେ ପରିଚାଳିତ ହୁଏ ।

## କର୍ମ ଦ୍ୱାରା ଲକ୍ଷ୍ୟପ୍ରାପ୍ତି ସହଜ କାହିଁକି ?

କର୍ମ ମାଧ୍ୟମରେହିଁ ଜଡ଼ରୁ ବିକାଶ ଚାଲିଆସୁଛି । ବୃକ୍ଷଲତା ମଧ୍ୟରେ କର୍ମର ସ୍ପଷ୍ଟ ବିକାଶ ହୋଇ ନାହିଁ । ହୋଇଛି ଜୀବନ୍ତ ପ୍ରାଣୀ, ପଶୁପକ୍ଷୀ, ସରୀସୃପ ମଧ୍ୟରେ । କିନ୍ତୁ କର୍ମର ଯଥାର୍ଥ ରୂପ ପ୍ରକାଶିତ ହୋଇଛି ମନୁଷ୍ୟ ମଧ୍ୟରେ । ପ୍ରାଣୀ ବିକାଶ ଆରମ୍ଭରୁ କର୍ମ କରିଆସୁଥିବାରୁ ବ୍ୟକ୍ତିର ଚେତନା କେନ୍ଦ୍ରିତ ହୋଇଛି କର୍ମରେ । ଜଡ଼ରୁ ମନୁଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ଯେତେ କର୍ମ ଏବଂ ମନୁଷ୍ୟ ଶରୀରରେ ଯେଉଁସବୁ କର୍ମ କରାହେଉଛି, ସେ ସମସ୍ତ ବୀଜରୂପେ ନିହିତ ଅଛି ମନୁଷ୍ୟ ଅବଚେତନାରେ । ଏହି କାରଣରୁ ସାଧକ କର୍ମକୁ ବାଦ୍ ଦେଇ କେବଳ ଧ୍ୟାନ ଦ୍ୱାରା ଚେତନାକୁ କେନ୍ଦ୍ରିତ କରିବାକୁ ଗଲେ, ଧ୍ୟାନ ସମୟରେ ଅବଚେତନାରେ ବୀଜରୂପେ ନିହିତ ଥିବା କର୍ମ ସଂସ୍କାରର ସମସ୍ତ ଚିନ୍ତା ଆସି ବ୍ୟକ୍ତି ଚେତନାକୁ ଅଭିଭୂତ କରିପକାଏ । ଏହି ଅସୁବିଧା ଯୋଗୁଁ ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀର ସମ୍ବନ୍ଧ ତ୍ୟାଗ କରି କର୍ମ ସଂସ୍କାରରୁ ମୁକ୍ତ ହେଲେ ଏବଂ ଧ୍ୟାନ ଦ୍ୱାରା ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରିପାରିଲେ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ-ଯୋଗରେ ମନ-ପ୍ରାଣ-ଶରୀର ତ୍ୟାଗ ନ କରି ତାକୁ ରୂପାନ୍ତର ଏବଂ ସେଥିରେ ଭଗବତ୍ ଉପଲବ୍ଧି କରିବାକୁ ହୁଏ । ସେହି କାରଣରୁ ମନ, ପ୍ରାଣ, ଶରୀର ଦ୍ୱାରା ହେଉଥିବା କର୍ମକୁ ତ୍ୟାଗ କରିବାର ଉପାୟ ନ ଥାଏ । କିନ୍ତୁ ଅହଂ ଓ ସ୍ୱାର୍ଥବଶରେ ନିଜ ଏବଂ ନିଜ ପରିବାର, ଦେଶ ନିମିତ୍ତ ହେଉଥିବା କର୍ମର ଗତିକୁ ଅଳ୍ପ ପ୍ରୟାସରେ ଭଗବତ୍ ଅଭିମୁଖୀ କରାଯାଇପାରେ । ଏଥିରେ କର୍ମର ସ୍ୱରୂପ ବା କର୍ମର ଉପଯୋଗିତାରେ କିଛି ଅନ୍ତର ହୁଏ ନାହିଁ । କେବଳ କର୍ମ ସଂପାଦନ ସମୟରେ ସଚେତ ହୋଇ ମା'ଙ୍କ ଉଦ୍ଦେଶ୍ୟରେ କର୍ମ କରି ସମର୍ପଣ କରିବାକୁ ହୁଏ । କର୍ମରେ ଏହିପରି ସଂକଳ୍ପ ତଥା ସ୍ମରଣ ଦ୍ୱାରା ଆସେ ଏକାଗ୍ରତା । ଯୋଗରେ ଏକାଗ୍ରତାହିଁ ଆବଶ୍ୟକ । ଏହି ଏକାଗ୍ରତା ଏବଂ ସମର୍ପଣଭାବ ମାଧ୍ୟମରେ ଭାଗବତୀ ଅତିମାନସ ଶକ୍ତି ମନୁଷ୍ୟ ମନ-ପ୍ରାଣ-ଶରୀର ରୂପାନ୍ତର ସାଧନ କରି ଲକ୍ଷ୍ୟରେ ପହଞ୍ଚାଇ ଦିଏ । ସାଧାରଣ ଜୀବନରେ ଏବଂ ସାଧନାର ଏକେବାରେ ଆରମ୍ଭରେ କର୍ମ-ସଂପାଦନ ହୁଏ ଅହଂ ଏବଂ ସ୍ୱାର୍ଥର ପ୍ରେରଣାରେ । ସେହି କର୍ମ ମା'ଙ୍କୁ ସମର୍ପଣ କରିବାରେ ସ୍ୱାର୍ଥ ଓ ଅହଂ ସହିତ ସଙ୍ଘର୍ଷ ହୁଏ । ଏହିଠାରୁ ଭାଗବତୀ ଶକ୍ତି ଦ୍ୱାରା କ୍ରମଶଃ ରୂପାନ୍ତର କାର୍ଯ୍ୟ ଆରମ୍ଭ ହୁଏ । ସମର୍ପଣ ଅନୁପାତରେ ସାଧକ ଆଧାରରେ ଭାଗବତୀ ଶକ୍ତିର ଅଧିକାର ବା ରୂପାନ୍ତରର କ୍ରିୟା ଦ୍ୱାରା ଏକାଗ୍ରତା ତଥା ସମତାର ପ୍ରତିଷ୍ଠା ହୁଏ । ସମତାର ପ୍ରତିଷ୍ଠା ଏବଂ ପରୀକ୍ଷା ହୁଏ କର୍ମ ଦ୍ୱାରା । କର୍ମର ଆଧାର ମନ-ପ୍ରାଣ-ଶରୀର । ସେଗୁଡ଼ିକର ରୂପାନ୍ତର ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଥିବାରୁ କର୍ମ ସମର୍ପଣ ଅନିବାର୍ଯ୍ୟ । କିନ୍ତୁ ଗୀତାରେ ଯେଉଁ ନିଷ୍କାମ କର୍ମ କଥା କୁହାହୋଇଛି ତାହାଠାରୁ ଏହି କର୍ମ ସମର୍ପଣ ସଂପୂର୍ଣ୍ଣ ଭିନ୍ନ । ଗୀତା ଅନୁସାରେ କେବଳ କର୍ମଫଳ ନ ଚାହିଁ କର୍ମ କରିବାକୁ ହୁଏ । କର୍ମ ସଂପାଦନ କରୁଥିବା ମନ-ପ୍ରାଣ-ଶରୀରକୁ ସମର୍ପଣ କରିବାକୁ ହୁଏ ନାହିଁ, କିଂବା ସେଗୁଡ଼ିକର ରୂପାନ୍ତର ଧାରଣା ନ ଥାଏ । ମନ-ପ୍ରାଣ-ଶରୀରକୁ ତ୍ୟାଗ କରି ମୃତ୍ୟୁପରେ ମୋକ୍ଷ ବା ନିର୍ବାଣ ବା ଭଗବତ୍ ପ୍ରାପ୍ତି କରାହୁଏ ।

ଶ୍ରୀଅରବିନ୍ଦ ଯୋଗରେ କର୍ମ ସମର୍ପଣ ଦ୍ୱାରା ବ୍ୟକ୍ତିର ମନ-ପ୍ରାଣ-ଶରୀରରେ ଭାଗବତୀ ଅତି-ମାନସ ଶକ୍ତି

ରୂପାନ୍ତରର କ୍ରିୟା କରେ । ତା'ଫଳରେ ଶରୀର ଚେତନା ଜାଗ୍ରତ୍ ହୋଇ ମନ-ପ୍ରାଣର ସାହାଯ୍ୟ ବିନା ସ୍ୱୟଂ ରୂପାନ୍ତର ସକାଶେ ଅଭୀପ୍ସା କରେ ଏବଂ ଅତିମାନସ ଭାଗବତୀ ଶକ୍ତି ଦ୍ୱାରା ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହୁଏ । ଶରୀର ରୂପାନ୍ତର ହେବା ପୂର୍ବରୁ, ମନ ତଥା ପ୍ରାଣର ରୂପାନ୍ତର ହୋଇ ସାରିଥାଏ । ଏହି ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ନିରାବରଣ ରୂପେ ପ୍ରକାଶ ହୁଅନ୍ତି ଭଗବାନ୍ । ବ୍ୟକ୍ତି ପୂର୍ଣ୍ଣ ରୂପେ ମୁକ୍ତ ହୁଏ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ଏବଂ ସମସ୍ତ ସତ୍ତାରେ ଏକତ୍ୱ ପ୍ରାପ୍ତି ହୁଏ ଭଗବାନଙ୍କ ସହିତ ତଥା ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା ।

ଆଶ୍ରମରେ ଯେଉଁ କର୍ମର ପ୍ରସାର ହେଉଛି, ତାହା ସାଂସାରିକ କର୍ମତୁଲ୍ୟ କେବଳ କର୍ମ ନୁହେଁ, ତାହା ବ୍ୟକ୍ତି ମଧ୍ୟରେ ତଥା ସଂସାରରେ ଭାଗବତ ଅଭିବ୍ୟକ୍ତିର ସାଧନା । ଆଶ୍ରମର ସମସ୍ତ କର୍ମ ଯଦିଓ ସଂସାର କର୍ମ ସଦୃଶ, ତଥାପି କର୍ମର ପ୍ରଣାଳୀ, ଉଦ୍ଦେଶ୍ୟ ଏବଂ କର୍ମ ସଂପାଦନ କରିବା ମନୋଭାବ ପୂର୍ଣ୍ଣତଃ ଭିନ୍ନ । ଆମ୍ଭେମାନେ ଏହି ରହସ୍ୟ ଠିକ୍ ଠିକ୍ ହୃଦୟଙ୍ଗମ ନ କରି ଏହି ଆଧାତ୍ମିକ କର୍ମକୁ ଜାଗତିକ କର୍ମ ପ୍ରଣାଳୀରେ ସଂପନ୍ନ କରି ସ୍ୱାର୍ଥ ଅହଂକୁ ତୁଷ୍ଟ କରିବାକୁ ଚାହୁଁ । ଏହା ଫଳରେ ଜାତ ହୁଏ ଦ୍ୱନ୍ଦ୍ୱ ଏବଂ ଅଶାନ୍ତି । ଏହାହିଁ ଲକ୍ଷ୍ୟ ପ୍ରାପ୍ତିର ଶତ୍ରୁ ।

## (୨)

## ଭଗବାନଙ୍କ ଯନ୍ତ୍ର ହେବାର ଉପାୟ : କର୍ମ

### କର୍ମର ପ୍ରଣାଳୀ

ନିଜ ଅହଂ-ସ୍ୱାର୍ଥତୁଷ୍ଟି ସକାଶେ କର୍ମ ନ କରି ଭଗବାନଙ୍କ ପ୍ରତି ସମର୍ପଣ ଭାବରେ ମନ-ପ୍ରାଣ-ଶରୀର ସମସ୍ତ ସତ୍ତାରେ ଭଗବାନଙ୍କ ଅଭିବ୍ୟକ୍ତି ସକାଶେ କର୍ମ କରିବା ହେଲା ଭଗବାନଙ୍କ ଯନ୍ତ୍ର ହେବାର ଉପାୟ । ଏହି କର୍ମ ବାହ୍ୟ ନିୟନ୍ତ୍ରଣ ବିନା ଆତ୍ମ-ପ୍ରେରଣାରେ ସ୍ୱତଃସ୍ଫୂର୍ତ୍ତ ଭାବେ ମନ-ପ୍ରାଣ-ଶରୀର ଦ୍ୱାରା ଆନ୍ତରିକ ଉତ୍ସାହରେ ସମର୍ପିତ ହେଲେ ବ୍ୟକ୍ତିର ମନ-ପ୍ରାଣ-ଶରୀରକୁ ଭାଗବତୀ ଅତିମାନସ ଶକ୍ତି ଦିବ୍ୟତତ୍ତ୍ୱରେ ରୂପାନ୍ତର କରନ୍ତି; ସେଥିରେ ଅଭିବ୍ୟକ୍ତ ହୁଅନ୍ତି ଭଗବାନ୍; ବ୍ୟକ୍ତି ନିବାସ କରେ ପରମାନନ୍ଦ, ପରମଶାନ୍ତିରେ ଏବଂ ପରିଚାଳିତ ହୁଏ ପୂର୍ଣ୍ଣରୂପେ ଭାଗବତୀ ଶକ୍ତି ଦ୍ୱାରା । ଏହି କର୍ମର ଆଦର୍ଶ ହେଉଛି ଆଶ୍ରମ । ମନ-ପ୍ରାଣ-ଶରୀରର ରୂପାନ୍ତର, ମୃତ୍ୟୁ-ରୋଗ-ବୃଦ୍ଧତ୍ୱରୁ ମୁକ୍ତ ହେବାର ଅବ୍ୟର୍ଥ ଏବଂ ଅପରିହାର୍ଯ୍ୟ ସାଧନା ହେଉଛି କର୍ମ । ଏହି ବିଷୟ ଏହି ଲେଖାର ପ୍ରଥମ ଭାଗରେ ଆଲୋଚିତ ହୋଇଛି ।

ମା' ଆଶ୍ରମରେ ଯେଉଁ ଆଦର୍ଶ କର୍ମ ପ୍ରତିଷ୍ଠା କରିଛନ୍ତି ସେହି ଆଦର୍ଶ ଅନୁସାରେ ଆମ୍ଭେମାନେ କର୍ମ ଆଚରଣ କଲେ ମା'ଙ୍କ ସାହାଯ୍ୟରେ ଭଗବାନଙ୍କ ଯନ୍ତ୍ରରୂପେ କର୍ମ କରି ଲକ୍ଷ୍ୟରେ ପହଞ୍ଚିପାରିବା ।

ଏହି ରୂପାନ୍ତର-ଯୋଗର ମୂଳନୀତି ବ୍ୟକ୍ତିଗତ ସିଦ୍ଧି ନୁହେଁ, ସଂସାରରେ ସ୍ୱର୍ଗରାଜ୍ୟ-ପ୍ରତିଷ୍ଠା । ଏହି କାରଣରୁ ଏହି ଯୋଗର ସାଧନା ବା କର୍ମ ସଂସାର ସହିତ ଜଡ଼ିତ । ଆଶ୍ରମ କେବଳ ପଣ୍ଡିଚେରୀରେ ସୀମିତ ନୁହେଁ । ତା'ର ଶାଖାପ୍ରଶାଖା ହେଲା ପାଠଚକ୍ର, ଛାତ୍ରସମାଜ, ଯୁବସମାଜ । ତା'ର ସଭ୍ୟମାନେ ଏବଂ ଆଶ୍ରମରେ ରହିଥିବା ସାଧକ-ସାଧିକା, ଯେଉଁମାନେ ମନ-ପ୍ରାଣ-ଶରୀରର ରୂପାନ୍ତର ଲକ୍ଷ୍ୟ ଗ୍ରହଣ କରିଛନ୍ତି ସେମାନେ ଆଶ୍ରମରେ ରହନ୍ତୁ ବା ଆଶ୍ରମର ବାହାରେ ରହନ୍ତୁ, ସେମାନେ ମଧ୍ୟ ଶ୍ରୀଅରବିନ୍ଦ ଯୋଗର ସାଧକ । ଏହି ସାଧକମାନଙ୍କ ମଧ୍ୟରୁ କେତେକଙ୍କର କର୍ମର ବାହ୍ୟରୂପ ସଂସାର ସହିତ ଅସମ୍ବନ୍ଧିତ, ଅନ୍ୟ କେତେକଙ୍କର କର୍ମର ବାହ୍ୟରୂପ ସଂସାର ସହିତ ସମ୍ବନ୍ଧିତ ଦେଖାଦେଉଥିଲେ ମଧ୍ୟ ଏହି ଦୁଇପ୍ରକାର କର୍ମ ଯଥାର୍ଥରେ ପୃଥକ୍ ନୁହେଁ । ଏହି ଯୋଗର ମୂଳଲକ୍ଷ୍ୟ ଜଗତରେ ସ୍ୱର୍ଗରାଜ୍ୟ-ପ୍ରତିଷ୍ଠା ହୋଇଥିବାରୁ ଏହି ଉଭୟ ସାଧକଙ୍କର କର୍ମ ଭଗବତ୍ ସଂକଳ୍ପ ଅନୁସାରେ ସଂସାର ସହିତ ସମ୍ବନ୍ଧିତ ।

ପ୍ରଶ୍ନ : ପୁରାତନ ଯୋଗରେ ସାଧକମାନେ ବ୍ୟକ୍ତିଗତ ସିଦ୍ଧି, ମୁକ୍ତି, ନିର୍ବାଣ ବା ଭଗବତ୍ ପ୍ରାପ୍ତି କରିଥିଲେ । ସେମାନଙ୍କ ସାଧନା ଦ୍ୱାରା ସଂସାରରୁ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅସତ୍ୟ, ଅନ୍ୟାୟ, ହିଂସା ଦୂର ହୋଇ ନ ଥିଲା କିଂବା ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହୋଇ ନ ଥିଲା । ଶ୍ରୀଅରବିନ୍ଦ ଯୋଗରେ ବିଶେଷତ୍ୱ କ'ଣ ଯେ ବ୍ୟକ୍ତିଗତ ରୂପାନ୍ତର-ସିଦ୍ଧିରେ ଏହି ମର୍ତ୍ତ୍ୟ ସ୍ୱର୍ଗରେ ପରିଣତ ହେବ ?

ଉତ୍ତର : ପୁରାତନ ଯୋଗୀମାନେ ବିଶ୍ୱତତ୍ତ୍ୱକୁ ରୂପାନ୍ତର କରିବା ଉପାୟ ନ ପାଇ ତାହା ସହିତ ସମ୍ବନ୍ଧିତ ମନ-ପ୍ରାଣ-ଶରୀରକୁ ଆତ୍ମାଠାରୁ ପୃଥକ୍ କରିଦେଲେ ଏବଂ ଆତ୍ମାକୁ ମୁକ୍ତି, ନିର୍ବାଣ ଅଥବା ଭଗବତ୍‌ପ୍ରାପ୍ତି କରାଇଦେବାରୁ ସଂସାର ରୂପାନ୍ତରିତ ନ ହୋଇ ଯେପରି ଥିଲା ସେହିପରି ରହିଲା । ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ, ଶରୀରକୁ ଆତ୍ମାଠାରୁ ପୃଥକ୍ କରା ନ ହୋଇ ସେସବୁକୁ ଅତିମାନସ ଶକ୍ତି ଦ୍ୱାରା ଆତ୍ମା ବା ଭଗବାନଙ୍କ ଧର୍ମରେ ରୂପାନ୍ତର କରିବା ଉଦ୍ଦେଶ୍ୟ ଥିବାରୁ ମନ, ପ୍ରାଣ, ଶରୀରରେ ଆସିଥିବା ବିଶ୍ୱତତ୍ତ୍ୱ ରୂପାନ୍ତର ହେବା ଅନିବାର୍ଯ୍ୟ ହେଲା । ତାହାରି ଫଳରେ ବିଶ୍ୱ ସ୍ୱର୍ଗରାଜ୍ୟରେ ପରିଣତ ହେବାର ସମ୍ଭାବନା ନିଶ୍ଚିତରୂପେ ରହିଲା ।

ଭଗବାନ୍ ଏକ ଥିଲେ । ସୃଷ୍ଟି କରିବା ଉଦ୍ଦେଶ୍ୟରେ ନିଜ ସଂକଳ୍ପରେ ବିଶ୍ୱରୂପରେହିଁ ପ୍ରକଟ ହେଲେ । ସଂସାରରେ ଯେଉଁସବୁ ଦୃଶ୍ୟମାନ ବସ୍ତୁ – କାଷ୍ଠ-ପାଷାଣ, ତରୁ-ତୃଣ, ପଶୁ-ପକ୍ଷୀ, ମନୁଷ୍ୟ ଦେଖାଯାଉଛନ୍ତି ତାହା ସମସ୍ତ ଭଗବାନଙ୍କ ବିକୃତ ରୂପ । ଏହାର ଅନ୍ତରାଳରେ ବା ମଧ୍ୟରେ ବିଦ୍ୟମାନ ଥାଏ ଭଗବତ୍ ପ୍ରଭାବ ବା ଆତ୍ମା । ମନୁଷ୍ୟ ଶରୀର ଜୀବିତ ରହି କ୍ରିୟାଶୀଳ ହୋଇଛି ମନ-ପ୍ରାଣ-ଶରୀର ତଥା ଆତ୍ମାର ସଂଯୋଗରେ । ଆତ୍ମା ଭଗବାନଙ୍କ ଅଂଶ ବା ପ୍ରତିଭୂ । ସେ ଦିବ୍ୟ ଓ ଅବିକୃତ । ମନ-ପ୍ରାଣ-ଶରୀର ଭଗବାନଙ୍କ ଦିବ୍ୟ-ତତ୍ତ୍ୱର ବିକୃତ ରୂପ; ଆସିଛି ବିଶ୍ୱତତ୍ତ୍ୱରୁ । ବିଶ୍ୱତତ୍ତ୍ୱ ସହିତ ଅଭେଦ ଏକ । ଅତଏବ ମନୁଷ୍ୟର ମନ-ପ୍ରାଣ-ଶରୀର ତତ୍ତ୍ୱତଃ ରୂପାନ୍ତର କରିବାକୁ ହେଲେ ବିଶ୍ୱତତ୍ତ୍ୱର ରୂପାନ୍ତର ଆବଶ୍ୟକ । ଏହା ରୂପାନ୍ତରିତ ହୁଏ ଅତିମାନସ ଶକ୍ତି ଦ୍ୱାରା । ମନର ବିକାଶ ସମାପ୍ତ ହୋଇ ନ ଥିବାରୁ ଅତିମାନସ ପୃଥିବୀରେ ପ୍ରତିଷ୍ଠା ହେବାର ସମୟ ଆସି ନ ଥିଲା । ସେହି କାରଣରୁ ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀରର ରୂପାନ୍ତର ପ୍ରୟାସ ଛାଡ଼ି ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରିଥିଲେ । ବର୍ତ୍ତମାନ ମନର ବିକାଶ ସମାପ୍ତ ହୋଇଛି । ସେହି ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି ଏବଂ ମା' ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଛନ୍ତି । ଯେତେ ଅଧିକ ବ୍ୟକ୍ତି ଏହି କାର୍ଯ୍ୟରେ ଅଂଶ ଗ୍ରହଣ କରିବେ ଏହି ରୂପାନ୍ତର କାର୍ଯ୍ୟ ତେତେ ଶୀଘ୍ର ହେବ ଏବଂ ସଂସାରରୁ ସେହି ଅନୁପାତରେ ଅଜ୍ଞାନ, ହିଂସା, ଅସତ୍ୟ, ଅନ୍ୟାୟ ଦୂର ହେବ । ମା'ଙ୍କ ସହିତ କେତେକ ବ୍ୟକ୍ତିଙ୍କର ପୂର୍ଣ୍ଣ ରୂପାନ୍ତର ସାଧିତ ହେଲେ ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଏହି ରୂପାନ୍ତର କାର୍ଯ୍ୟରେ ଅଂଶ ଗ୍ରହଣ କରିବାର ଅର୍ଥ ହେଲା ଏହି ଲକ୍ଷ୍ୟ ଗ୍ରହଣ କରି ସାଧନା କରିବା ଏବଂ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜ, ଶ୍ରୀଅରବିନ୍ଦ ଯୁବସମାଜ ଇତ୍ୟାଦି ପ୍ରତିଷ୍ଠା କରିବା ଓ ଏହି ଆଦର୍ଶକୁ ପ୍ରସାର କରିବା ।

ପ୍ରଶ୍ନ : ଏହିସବୁ କାର୍ଯ୍ୟର ଆବଶ୍ୟକ କ'ଣ ? ତୁମ କହିବା ଅନୁସାରେ ବିଶ୍ୱତତ୍ତ୍ୱ ସହିତ ମନୁଷ୍ୟର ମନ-ପ୍ରାଣ-ଶରୀର ତତ୍ତ୍ୱ ଏକ । ତେବେ ଜଣକର ରୂପାନ୍ତର ହେଲେ ସୃଷ୍ଟିର ସମସ୍ତ ବ୍ୟକ୍ତିଙ୍କର ରୂପାନ୍ତର ହେବ । ପୁଣି ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ସାଧନା କରିବା ଆବଶ୍ୟକ କ'ଣ ?

ଉତ୍ତର : ଜଣକର ସ୍ଥୂଳ ଶରୀର ରୂପାନ୍ତର ହେଲେ ବିଶ୍ୱର ସମସ୍ତ ମାନବଜାତିର ଶରୀର ରୂପାନ୍ତର ହେବ ନାହିଁ । କାରଣ ମନୁଷ୍ୟର ମନ, ପ୍ରାଣ, ଶରୀର ଯଦିଓ ଆସିଛି ବିଶ୍ୱର ସୂକ୍ଷ୍ମତତ୍ତ୍ୱରୁ ତଥାପି ସୃଷ୍ଟିର ବିଧାନ ଅନୁସାରେ ସେହି ସୂକ୍ଷ୍ମତତ୍ତ୍ୱ ପିତାମାତାଙ୍କ ମାଧ୍ୟମରେ ହାଡ଼ମାଂସରୂପେ ସ୍ଥୂଳ ଶରୀରରେ ପରିଣତ ହୋଇଛି; ଏହାର ସୂକ୍ଷ୍ମ ତତ୍ତ୍ୱ ଏକ

ଥିବା ସତ୍ତ୍ୱେ ସ୍ଥୂଳତ୍ୱରେ ଏକ ଅନ୍ୟ ଶରୀରଠାରୁ ପୃଥକ୍ ହୋଇଛି । ଏହି କାରଣରୁ ଜଣେ ବ୍ୟକ୍ତିର ମୃତ୍ୟୁରେ ସଂସାରର ସମସ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଯେପରି ହୁଏ ନାହିଁ, ସେହିପରି ଜଣେ ବ୍ୟକ୍ତିର ଶରୀର ରୂପାନ୍ତରରେ ସଂସାରର ସମସ୍ତ ବ୍ୟକ୍ତିଙ୍କର ସ୍ଥୂଳ ଶରୀର ରୂପାନ୍ତର ହେବ ନାହିଁ । ସ୍ଥୂଳ ଶରୀର ରୂପାନ୍ତର କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିକୁ ସାଧନା କରିବାକୁ ହେବ ।

ପ୍ରଶ୍ନ : ଶରୀର ରୂପାନ୍ତର ସକାଶେ ସାଧନା ଆବଶ୍ୟକ, କିନ୍ତୁ ବିଶ୍ୱରୁ ତଥା ମନୁଷ୍ୟ ମଧ୍ୟରୁ ଅନ୍ୟାୟ, ଅସତ୍ୟ ଦୂର ଓ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବାରେ ଅନ୍ୟର ସାଧନା ଓ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାରର ଆବଶ୍ୟକତା କ'ଣ ?

ଉତ୍ତର : ବିଶ୍ୱରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠାରେ ବି ଅନ୍ୟର ସାଧନା ତଥା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ଆବଶ୍ୟକ । କାରଣ ବ୍ୟକ୍ତିର ରୂପାନ୍ତରର ସମ୍ବନ୍ଧ ଅନ୍ୟ ବ୍ୟକ୍ତି ସହିତ ନ ରହିଲେ ସଂସାରରେ ଏହା ପ୍ରତିଷ୍ଠା ହୋଇ ପାରିବ ନାହିଁ ।

ତୁମେ ଯେପରି ଶବ୍ଦର ଅର୍ଥ କରୁଛ, ''ଜଣେ ବ୍ୟକ୍ତିଙ୍କ ଶରୀର ରୂପାନ୍ତରିତ ହେଲେ ସଂସାରରୁ ଅନ୍ୟାୟ ଅସତ୍ୟ ଦୂର ହେବ, ଅନ୍ୟକୁ ସାଧନା କରିବାକୁ ହେବ ନାହିଁ'' ଏପରି ନୁହେଁ । ଅନ୍ୟ ବ୍ୟକ୍ତି ସାଧନା କରିବାକୁ ବାଧ୍ୟ ହେବେ । ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ସାଧନା କରିବେ ସେତେ ଶୀଘ୍ର ପୃଥିବୀରେ କ୍ରମଶଃ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ ।

ପ୍ରଶ୍ନ : ଅନ୍ୟ ବ୍ୟକ୍ତି ସାଧନା କରିବାକୁ ବାଧ୍ୟ ହେବେ କାହିଁକି ?

ଉତ୍ତର : ଜଣେ ବ୍ୟକ୍ତିଙ୍କ ମନ-ପ୍ରାଣ-ଶରୀର ରୂପାନ୍ତର ଆରମ୍ଭ ହେବା ଅନୁପାତରେ ବିଶ୍ୱ ପ୍ରକୃତି ବା ତତ୍ତ୍ୱର ରୂପାନ୍ତର ଆରମ୍ଭ ହେବ । ଏହି ରୂପାନ୍ତରର ପ୍ରଭାବ ପଡ଼ିବ ସମସ୍ତ ବିଶ୍ୱରେ । ଯେଉଁମାନଙ୍କ ଆତ୍ମା ଅଧିକ ଜାଗ୍ରତ୍ ଥିବ ସେହିମାନେ ଆତ୍ମ-ପ୍ରେରଣାରେ ଏହି ରୂପାନ୍ତର ସାଧନାରେ ସ୍ୱତଃସ୍ଫୂର୍ତ୍ତ ଭାବେ ପ୍ରବୃତ୍ତ ହେବେ ।

ପ୍ରଶ୍ନ : ଯେଉଁମାନଙ୍କ ଆତ୍ମା ଜାଗ୍ରତ୍ ହୋଇଛି ସେମାନେ ସ୍ୱତଃସ୍ଫୂର୍ତ୍ତଭାବେ ଏହି ଯୋଗ ଗ୍ରହଣ କରିବେ । ତେବେ ଏହି ଆଦର୍ଶ ପ୍ରସାରର ଆବଶ୍ୟକତା କ'ଣ ?

ଉତ୍ତର : ଯେତେ ଅଧିକ ସଂଖ୍ୟାରେ ବ୍ୟକ୍ତି ଏହି ଆଦର୍ଶକୁ ଗ୍ରହଣ କରିବେ ସେତେ ଶୀଘ୍ର ସାଧକମାନଙ୍କ ସତ୍ତା ରୂପାନ୍ତରିତ ହେବ ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହେବ । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର ଆବଶ୍ୟକ ।

କାରଣ ବର୍ତ୍ତମାନ ବିଶ୍ୱ ବା ମାନବଜାତିକୁ ପରିଚାଳନା ବା ଶାସନ କରୁଛି ଅଜ୍ଞାନ-ଅନ୍ଧକାର ଆସୁରୀ ଶକ୍ତି । ଏହି କାରଣରୁ ସଂସାରର ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟାୟ-ଅସତ୍ୟ ବ୍ୟାପ୍ତ ହୋଇଛି । ଏସବୁ ନିଜ ଅଧିକାର ତ୍ୟାଗ କରି ଭାଗବତ ଅତିମାନସ ଶକ୍ତିର ଶାସନ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ । ସେହି ସକାଶେ ଅତିମାନସ ସତ୍ୟ ପ୍ରତିଷ୍ଠାକୁ ତୀବ୍ରଭାବେ ବିରୋଧ କରୁଛନ୍ତି । କିନ୍ତୁ ଏସବୁ ବିରୋଧୀ ଶକ୍ତିର ଯନ୍ତ୍ର ମନୁଷ୍ୟ । ଅଧିକ ସଂଖ୍ୟାରେ ବ୍ୟକ୍ତି ଅତିମାନସ ଶକ୍ତିକୁ ଗ୍ରହଣ କଲେ ଅନ୍ଧକାର ଶକ୍ତିସବୁ ଦୁର୍ବଳ ହୋଇ ପଡ଼ିବେ ଏବଂ ଅତିମାନସ ଶକ୍ତିର ରାଜ୍ୟ ପ୍ରତିଷ୍ଠା ହେବ । ସେହି ସକାଶେ ଅତିମାନସ ସତ୍ୟର ଆବଶ୍ୟକ । କାରଣ ସଂସାରରେ ବହୁତ କମ୍ ବ୍ୟକ୍ତିଙ୍କ ଆତ୍ମା ଜାଗ୍ରତ୍ ଥାଏ, ସେମାନେ ଜୀବନର ଲକ୍ଷ୍ୟ ଜାଣନ୍ତି ଏବଂ ସତ୍ୟ ଗ୍ରହଣ କରନ୍ତି । କିନ୍ତୁ ଏପରି ବ୍ୟକ୍ତିଙ୍କ ସଂଖ୍ୟା ଖୁବ୍ କମ୍ । ସାଧାରଣ ବ୍ୟକ୍ତିଙ୍କ

କଥା ଛାଡ଼, ପୃଥିବୀରେ ଯେଉଁମାନେ ମହାନ୍ ଶ୍ରେଷ୍ଠ ବ୍ୟକ୍ତି, ଯେଉଁମାନଙ୍କ ବୁଦ୍ଧି ଅତ୍ୟନ୍ତ ବିକଶିତ, ସେମାନେ ବି ନିଜେ ଅଜ୍ଞାତରେ ଯେଉଁ ପରମ ଆନନ୍ଦ ଚାହାନ୍ତି ସେ ସମ୍ବନ୍ଧେ ସେମାନେ ସଚେତ ନ ଥା'ନ୍ତି ।

ବର୍ତ୍ତମାନ ମା'ଙ୍କ ଅତିମାନସ ରୂପାନ୍ତର କାର୍ଯ୍ୟ ସମସ୍ତ ବିଶ୍ୱରେ ହେଉଥିବାରୁ ତା'ର ପ୍ରଭାବ ସମସ୍ତ ବିଶ୍ୱରେ ପଡୁଛି । କିନ୍ତୁ ଏହି ପ୍ରଭାବକୁ ବ୍ୟକ୍ତିର ଅନ୍ତରାତ୍ମା ଗ୍ରହଣ ନ କରିବାରୁ ବିଶ୍ୱର କୌଣସି ବ୍ୟକ୍ତି ନିଜ କର୍ମରେ ସନ୍ତୁଷ୍ଟ ହୋଇପାରୁ ନାହିଁ । ସମସ୍ତ ପୃଥିବୀ ଅଜ୍ଞାତ ରୂପେ ଗୋଟିଏ ନୂତନ ସତ୍ୟ ଚାହୁଁଅଛି । ବ୍ୟକ୍ତିର ଆତ୍ମାରେ ପଡ଼ିଥିବା ପରଦା ଦୂର ନ ହୋଇଥିବାରୁ ସେ ନିଜ ଅନ୍ତରର ଅଶାନ୍ତିର କାରଣ ନୂତନ ସତ୍ୟର ଆଗମନ ବୋଲି ବୁଝିପାରୁ ନାହିଁ । ଅନ୍ତରରେ ପଡୁଥିବା ଅତିମାନସ ପ୍ରଭାବ ତା'ର ମନ-ପ୍ରାଣକୁ ଭେଦ କରି ପ୍ରକାଶ ହେବାରେ ବହୁତ ସମୟ ଲାଗିବ ଏବଂ ସଂସାରର ଅସହ୍ୟ ଦୁଃଖ-କଷ୍ଟ, ଅସତ୍ୟ-ଅନ୍ୟାୟ ଶୀଘ୍ର ଦୂର ହେବ ନାହିଁ । ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଯୁବସମାଜ, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜ ଆଦି ପ୍ରତିଷ୍ଠା ହେବା ଦ୍ୱାରା ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଆଦର୍ଶ ପ୍ରସାର ଦ୍ୱାରା ବ୍ୟକ୍ତିର ଆବରଣ ଦୂର ହେବ ଓ ଅତିମାନସ ସତ୍ୟ ପ୍ରକାଶ ହେବାରେ ସାହାଯ୍ୟ ମିଳିବ । ସେହି ସକାଶେ ଏହାର ପ୍ରସାର ଆବଶ୍ୟକ ।

## କର୍ମରେ ଅହଂ-ସ୍ୱାର୍ଥର ଲକ୍ଷଣ

ପ୍ରଶ୍ନ : ଭଗବାନଙ୍କ ଯନ୍ତ୍ରରୂପେ କର୍ମ କରିବାର ଲକ୍ଷଣ କ'ଣ ?

ଉତ୍ତର : କର୍ମରେ ନାମ, ଯଶଃ, ଅଧିକାର, ଭୌତିକ ସୁଖ-ସୁବିଧା ନ ଚାହିଁ ଭଗବତ୍ ସେବାଭାବରେ, ଭଗବାନଙ୍କ ସକାଶେ ଭାଗବତୀ ଶକ୍ତିର ପ୍ରେରଣାରେ କର୍ମ କରିବା ହେଲା ଭଗବାନଙ୍କ ଯନ୍ତ୍ର ହେବାର ଲକ୍ଷଣ । ଚାହିଁବାର ଅର୍ଥହିଁ କାମନା-ବାସନା । ଏହାହିଁ ଜନ୍ମ ମୃତ୍ୟୁର କାରଣ ।

ପ୍ରଶ୍ନ : ଏହିପରି ଭଗବତ୍ ସମର୍ପିତ ଭାବରେ କିଂବା ଭଗବତ୍ ଯନ୍ତ୍ରରୂପେ କର୍ମ କରିବା ସାଧନାର ପ୍ରଥମ ଅବସ୍ଥାରେ ସମ୍ଭବ ନୁହେଁ । ସାଧନାର ପ୍ରଥମ ଅବସ୍ଥାରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ବିଦ୍ୟମାନ ଥିବା ଅବସ୍ଥାରେ କିପରି କର୍ମ ଆଚରଣ କଲେ ବ୍ୟକ୍ତି ଭଗବତ୍ ଯନ୍ତ୍ର ହୋଇପାରିବ ?

ଉତ୍ତର : ସାଧନାର ଏକେବାରେ ପ୍ରଥମ ଅବସ୍ଥାରେ ଭଗବତ୍ କର୍ମକୁ ପ୍ରଧାନ ସ୍ଥାନ ଦେବାକୁ ହେବ । ଅର୍ଥାତ୍ ନିଜ ସୁଖ-ସୁବିଧା, ନାମ-ଯଶଃରେ ବାଧା ପଡ଼ିଲେ କିଂବା ଅପମାନ ତଥା ମିଥ୍ୟା ଅପଯଶଃ ହେଲେ ସେଥିପ୍ରତି ଭୃକ୍ଷେପ ନ କରି ମା'ଙ୍କ କାର୍ଯ୍ୟରେ କୌଣସି ପ୍ରକାର ବ୍ୟାହତ ହେବାକୁ ନ ଦେଇ ସମସ୍ତ ଶକ୍ତି ସହିତ କାର୍ଯ୍ୟ ସଂପନ୍ନ କରିବା ସକାଶେ ପ୍ରଯତ୍ନ କରିବାକୁ ହେବ । ଏହି ହେଲା ଅହଂ-ସ୍ୱାର୍ଥ ବିଦ୍ୟମାନ ଥିବା ସତ୍ତ୍ୱେ ଭଗବାନଙ୍କ ଯନ୍ତ୍ର ହେବାର ଉପାୟ । ଏହି ବିଷୟ ନିମ୍ନରେ ଆଲୋଚିତ ଗଳ୍ପରୁ ବୁଝିପାରିବା ।

## ଦୁଇ ସପତ୍ନୀ

ଦୁଇଜଣ ସପତ୍ନୀ ଥିଲେ । ଜଣେ ସପତ୍ନୀର ପୁତ୍ର ଜନ୍ମ ହେବା ପରେ ପତି ପରଲୋକ ଗମନ କଲେ । ଯେଉଁ ସପତ୍ନୀର ପୁତ୍ର ନ ଥିଲା ସଂପତ୍ତିରେ ଅଧିକାର ନ ରହିବା, ସମ୍ମାନରେ ହାନି ହେବା ଜାଣି ସେ ପୁତ୍ରଟି ତା'ର ବୋଲି ସେ ଦାବି କଲା ଏବଂ ଏହାର ମୀମାଂସା ସକାଶେ ରାଜାଙ୍କ ପାଖରେ ଗୁହାରି କଲା । ରାଜା ଦୁଇଜଣଙ୍କୁ ଦରବାରକୁ

ଡକାଇ ପଚାରିଲେ । ଦୁଇଜଣଙ୍କ ବକ୍ତବ୍ୟରୁ କାହାରି କଥାକୁ ଅବିଶ୍ୱାସ କରିବାର ଉପାୟ ନ ଥିଲା । ଶେଷରେ ରାଜା କହିଲେ, ''ଏ ବିଷୟ ବହୁତ ଜଟିଳ । ଯଥାର୍ଥରେ ଏ ଶିଶୁଟି କାହାର ପ୍ରମାଣ ହୋଇପାରୁ ନାହିଁ ।'' ଯେଉଁ ସପତ୍ନୀର ପୁତ୍ର ନୁହେଁ ତାକୁ ସମ୍ବୋଧନ କରି କହିଲେ, ''ମୁଁ ଭାବୁଛି ଶିଶୁଟିକୁ ଦୁଇଖଣ୍ଡ କରି ତୁମ ଦୁଇଜଣଙ୍କୁ ଦେଇଦେଲେ ବିବାଦ ସମାପ୍ତ ହେବ । ଏଥିରେ ତୋର ମତ କ'ଣ ?'' ସେ ତତ୍‌କ୍ଷଣାତ୍ କହିଲା, ''ହଁ, ମୁଁ ଏଥିରେ ରାଜି ଅଛି ।'' ଯାହାର ଯଥାର୍ଥରେ ସନ୍ତାନ ସେ ଏକଥା ଶୁଣିବା ମାତ୍ରେ, ରାଜା ତାକୁ ପଚାରିବା ପୂର୍ବରୁ ହଠାତ୍ ଉଚ୍ଚ ସ୍ୱରରେ କାନ୍ଦି ଉଠି କହିଲା, ''ମହାରାଜ ! ଏ ଶିଶୁକୁ ବଧ ନ କରି ମୋ ସପତ୍ନୀକୁ ଦେଇ ଦିଅନ୍ତୁ ।'' ରାଜା କହିଲେ, ''ଏ ସନ୍ତାନ ତୋର । ତୋ ସପତ୍ନୀ ମିଥ୍ୟାବାଦିନୀ । ଅନ୍ୟର ସନ୍ତାନକୁ ଅପହରଣ କରିବାକୁ ମିଥ୍ୟାଜାଲ ରଚନା କରିଥିବା ଅପରାଧରେ ତାକୁ ଦଣ୍ଡ ଦେବି ।'' ନିଜ ପୁତ୍ରର ଜୀବନ ରକ୍ଷା ସକାଶେ ଯେପରି ମା' ସଂପତ୍ତିର ସ୍ୱାର୍ଥ ତ୍ୟାଗ କରି ସପତ୍ନୀକୁ ନିଜ ପୁତ୍ର ଦେବାକୁ ପ୍ରସ୍ତୁତ ଥିଲା, ସେହିପରି ମା'ଙ୍କ ସେବାକର୍ମକୁ ଜୀବନରେ ଶ୍ରେଷ୍ଠସ୍ଥାନ ଦେଇ ସେଥିରେ କୌଣସି ପ୍ରକାର ତ୍ରୁଟି ହେବାକୁ ନ ଦେଇ ନିଜ ଅହଂ-ସ୍ୱାର୍ଥକୁ ତ୍ୟାଗ କରିବାକୁ ହେବ ।

ପ୍ରଶ୍ନ : ନିଜର ପରିବାର-ପାଳନ, ଦେଶ-ସେବା, ଚାକିରିରେ ଉନ୍ନତି, ବ୍ୟବସାୟରେ ଲାଭ, ସମାଜରେ ପ୍ରତିଷ୍ଠା ଓ ଅଧିକାର ଲାଭର ଆଶା ଓ ନେତା ହେବାର ଲୋଭରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ଥାଏ । ଯେଉଁମାନେ ଭଗବତ୍-ପ୍ରାପ୍ତି ଲକ୍ଷ୍ୟ ରଖି ଶ୍ରୀମା'ଙ୍କ ସେବାରୂପେ ଆଶ୍ରମରେ ଏବଂ ଆଶ୍ରମ ବାହାରେ ପାଠଚକ୍ର ଗଠନ ଓ ସମ୍ମିଳନୀ କାର୍ଯ୍ୟ ଆଦି କରୁଛନ୍ତି କିଂବା ସେମାନଙ୍କ ପାଖକୁ ଆସୁଥିବା ବ୍ୟକ୍ତିଙ୍କୁ ଜୀବନର ଅନିବାର୍ଯ୍ୟ ଲକ୍ଷ୍ୟପ୍ରାପ୍ତି ଏବଂ ଜୀବନର ଯଥାର୍ଥ କଲ୍ୟାଣ ଶ୍ରୀଅରବିନ୍ଦଙ୍କ ଯୋଗ ବୋଲି ବୁଝାଇ ସେମାନଙ୍କୁ ସନ୍ମାର୍ଗରେ ପଥିକ କରାଇବାକୁ ଚେଷ୍ଟା କରୁଛନ୍ତି, କିଂବା ମା'ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ବିଷୟ ସରଳ ଭାଷାରେ ଲେଖୁଛନ୍ତି ତଥା ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସୁଖଶାନ୍ତିରେ ରହନ୍ତୁ, ସଂସାର ସ୍ୱର୍ଗରେ ପରିଣତ ହେଉ – ଏହି ଶୁଭ ଭାବନା ରଖି ପାଠଚକ୍ର, ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସମାଜ, ଶ୍ରୀଅରବିନ୍ଦଙ୍କ ଯୁବ ସମାଜ ଆଦି ପ୍ରତିଷ୍ଠା କରନ୍ତି ଅଥବା ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହିତ୍ୟ ବା ତାଙ୍କ ଯୋଗ-ଭିତ୍ତିରେ ଲିଖିତ ବିଭିନ୍ନ ପୁସ୍ତକର ପ୍ରସାର କରନ୍ତି – ଏହି ସାଧକମାନଙ୍କର ଏହିସବୁ କର୍ମରେ ବ୍ୟକ୍ତିଗତ ସ୍ୱାର୍ଥ କ'ଣ ?

ବ୍ୟକ୍ତି ମା'ଙ୍କ ଆଶ୍ରୟରେ ମା'ଙ୍କ ସକାଶେ କର୍ମ କଲେ ତା' ମଧ୍ୟରେ ଅହଂ-ସ୍ୱାର୍ଥ କ୍ରିୟା କରିବ କିପରି ?

ଉତ୍ତର : ବ୍ୟକ୍ତିର ଅହଂ-ସ୍ୱାର୍ଥ ଥାଏ ତାହାର ମନ-ପ୍ରାଣ-ଶରୀରରେ । ଯେପର୍ଯ୍ୟନ୍ତ ମନ-ପ୍ରାଣ-ଶରୀର ଶ୍ରୀମା'ଙ୍କୁ ସମର୍ପିତ ହୋଇ ନ ଥାଏ, ସେପର୍ଯ୍ୟନ୍ତ ବ୍ୟକ୍ତି ଅହଂ-ସ୍ୱାର୍ଥରୁ ମୁକ୍ତ ହୁଏ ନାହିଁ । ସେ ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଜଣେ ବଡ଼ ସାଧକ ହେବା ଅଥବା ସେ ଜଣେ ମା'ଙ୍କର ଯନ୍ତ୍ର, ମା'ଙ୍କ ସେବା କରୁଛି, ମା'ଙ୍କ ଆଦର୍ଶ ପ୍ରସାର କରୁଛି, 'ଅହଂସ୍ୱାର୍ଥ' ଏହିସବୁ ଭାବର ଆଶ୍ରୟ ନିଏ ଏବଂ ଏହି ଭାବ ଦ୍ୱାରା ତାହା ପୁଷ୍ଟ ହୁଏ ।

ପ୍ରଶ୍ନ : ନିଜର ସ୍ୱାର୍ଥ ଏବଂ ଅହଂ ଭଗବତ୍ ପ୍ରାପ୍ତି ମାର୍ଗରେ ମହାନ୍ ପ୍ରତିବନ୍ଧକ ତଥା ମହାନ୍ ଶତ୍ରୁ ବୋଲି ପ୍ରତ୍ୟେକ ଅଧ୍ୟାତ୍ମ ସାଧକ ଜାଣନ୍ତି, ତେବେ ସେସବୁକୁ ଆଶ୍ରୟ ଦିଅନ୍ତି କାହିଁକି ?

ଉତ୍ତର : ସାଧକ ସାଧନାର ପ୍ରଥମ ଅବସ୍ଥାରେ ଏହିସବୁ କ୍ରିୟାକୁ ଚିହ୍ନିପାରେ ନାହିଁ କିଂବା ଚିହ୍ନିବାକୁ ଚେଷ୍ଟା କରେ ନାହିଁ । କାରଣ ତାଙ୍କ ମନ, ପ୍ରାଣ ଏହି ଅହଂ ସ୍ୱାର୍ଥ ଦ୍ୱାରା ବ୍ୟାମୋହ ହୋଇଥାଏ ।

ପ୍ରଶ୍ନ : ଏହି ଅହଂ-ସ୍ୱାର୍ଥକୁ ଚିହ୍ନିବାର ଉପାୟ କ'ଣ ?

ଉତ୍ତର : ମା'ଙ୍କ ପ୍ରତି ବିଶ୍ୱାସ, ନିର୍ଭରତା ତଥା ସମର୍ପଣ ଏବଂ 'ମା' ଏହି ନାମଜପ । ଏହାରି ଦ୍ୱାରା ଅନ୍ତରାତ୍ମା ଜାଗ୍ରତ୍ ହୁଏ ତଥା ଭାଗବତୀ ଶକ୍ତି ଆଧାରରେ ଅବତରଣ କରେ । ଅନ୍ତରାତ୍ମାର ଜାଗରଣ ତଥା ଭାଗବତୀ ଶକ୍ତିର କ୍ରିୟା ଦ୍ୱାରା ଜ୍ଞାନ-ବିବେକ ପ୍ରକାଶ ହୁଏ, ତେବେ ବ୍ୟକ୍ତି ଅହଂ-ସ୍ୱାର୍ଥର କ୍ରିୟାକୁ ବୁଝିପାରେ । ଏହାଛଡ଼ା ମା'ଙ୍କ ଉପରେ ନିର୍ଭରତା ରଖିବାରୁ ମା'ଙ୍କ ଉପସ୍ଥିତି ବରାବର ରହିଥାଏ । ବହୁତ ସମୟରେ ସାଧକର ଦୋଷକୁ ମା' ଅଙ୍ଗୁଳି ନିର୍ଦ୍ଦେଶ କରି ଚିହ୍ନାଇ ଦିଅନ୍ତି ଏବଂ କେବେ କେବେ ମହାନ୍ ବିପଦରୁ ରକ୍ଷା କରନ୍ତି ।

ପ୍ରଶ୍ନ : ଯେଉଁମାନେ ସାଧନାରେ କିଛିଦୂର ଅଗ୍ରସର ହୋଇଥା'ନ୍ତି କିଂବା ଯେଉଁମାନଙ୍କର ମନ-ପ୍ରାଣ ଶୁଦ୍ଧ ହୋଇଥାଏ ସେମାନଙ୍କ ଅନ୍ତରରେ ଜ୍ଞାନ-ବିବେକ ପ୍ରକାଶ ହୁଏ, ସେମାନେ ଅହଂକୁ ଚିହ୍ନି ପାରନ୍ତି । ଯେଉଁମାନଙ୍କ ମନ-ପ୍ରାଣ-ଶରୀର ଆଧାର ଏକେବାରେ ପ୍ରସ୍ତୁତ ନ ଥାଏ, ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଓ ନିଷ୍ଠା ସ୍ଥାୟୀ ଭାବରେ ରହି ନ ଥାଏ ସେପରି ଅବସ୍ଥାରେ ସାଧକ ଅହଂ-ସ୍ୱାର୍ଥର କ୍ରିୟାକୁ କିପରି ଚିହ୍ନି ପାରିବ ଏବଂ ତ୍ୟାଗ କରି ପାରିବ ?

ଉତ୍ତର : ଅନ୍ତରର ନୀରବତା ଅବସ୍ଥାରେ କିଂବା ନିଜ ଅପେକ୍ଷା ଅଧିକ ଅଗ୍ରସର ହୋଇଥିବା ସାଧକ, ଯାହାଙ୍କ ପ୍ରତି ନିଜର ବିଶ୍ୱାସ ଥାଏ, ତାଙ୍କ ସହିତ ପରାମର୍ଶ କରିବା ଦ୍ୱାରା ସେ ଅହଂ-ସ୍ୱାର୍ଥର କ୍ରିୟାକୁ ଚିହ୍ନି ପାରନ୍ତି ।

ବ୍ୟକ୍ତି ମଧ୍ୟରେ ଅହଂ-ସ୍ୱାର୍ଥର କୌଣସି କ୍ରିୟା ହେଲେ ତାଙ୍କ ଅନ୍ତରରେ ଅଶାନ୍ତି, ଉଦ୍‌ବେଗ, ଚଞ୍ଚଳତା, ମହଦାକାଙ୍‌କ୍ଷାଦି ପ୍ରତିକୂଳ ଅବସ୍ଥା ପ୍ରକାଶିତ ହୁଏ । ଏହାର ମୂଳ କାରଣ ଜାଣିବାକୁ ହେଲେ ପ୍ରଥମରେ ନୀରବ ରହି 'ମା'ଏହି ନାମ ଜପ କର ଏବଂ ଜାଣିବା ସକାଶେ ଆନ୍ତରିକ ଅଭୀପ୍ସା ରଖି ଅପେକ୍ଷା କର; ମନର ନିର୍ଣ୍ଣୟକୁ ସ୍ୱୀକାର କର ନାହିଁ, ତାକୁ ନୀରବ କରିଦିଅ । ତେବେ ବିଚାର ବା ସହଜାତ ପ୍ରେରଣା କିଂବା ସ୍ୱପ୍ନ ବା ସୂକ୍ଷ୍ମଦୃଶ୍ୟ, କୌଣସି ବହି ଅଥବା କୌଣସି ବ୍ୟକ୍ତିର କଥାବାର୍ତ୍ତା ମଧ୍ୟଦେଇ ତୁମେ ଅହଂସ୍ୱାର୍ଥର କ୍ରିୟାକୁ ଜାଣିପାରିବ । ଏହିପରି ବାରଂବାର କଲେ ସାଧକର ଅନ୍ତରରେ ବିବେକ-ଜ୍ଞାନ ଉତ୍ପନ୍ନ ହୁଏ ଏବଂ ଅହଂ-ସ୍ୱାର୍ଥର କ୍ରିୟା ହେବା ସଙ୍ଗେ ସଙ୍ଗେ ଆଉ ନୀରବତାରେ ଜାଣିବା ସକାଶେ ପ୍ରଯତ୍ନ କରିବାକୁ ହୁଏ ନାହିଁ; ସ୍ୱତଃସ୍ଫୂର୍ତ୍ତଭାବେ ସେ ଜାଣିପାରେ । ଅନ୍ୟ ଉପାୟ ହେଲା – ଯେଉଁ ସାଧକମାନେ ଏହିସବୁ ଅନୁଭବ ମାର୍ଗଦେଇ ଅଗ୍ରସର ହୋଇଛନ୍ତି ସେମାନଙ୍କ ପରାମର୍ଶ ଦ୍ୱାରା ବି ନିଜ ଅନ୍ତରରେ ଜ୍ଞାନ-ବିବେକ ପ୍ରକାଶିତ ହୁଏ, ସେ ପ୍ରତିକୂଳ ଗତିବୃତ୍ତି ଏବଂ ଅହଂ-ସ୍ୱାର୍ଥର କ୍ରିୟାକୁ ଚିହ୍ନିପାରେ ।

ପ୍ରଶ୍ନ : ଶ୍ରୀଅରବିନ୍ଦ କହିଛନ୍ତି, ''ମା' ଏବଂ ତୋ ମଧ୍ୟରେ ଅନ୍ୟ କାହାକୁ ଆସିବାକୁ ଦେବୁ ନାହିଁ'', ଯଦି ଅନ୍ୟ ସାଧକର ପରାମର୍ଶ ନେବାକୁ ହୁଏ, ତେବେ ମା' ଏବଂ ଆମ ମଧ୍ୟରେ ଅନ୍ୟ ବ୍ୟକ୍ତି ଆସେ ଅର୍ଥାତ୍ ମା'ଙ୍କ ଉପରେ ପୂର୍ଣ୍ଣ ଭରସା ରହେ ନାହିଁ, ପରାମର୍ଶ ଦେଉଥିବା ବ୍ୟକ୍ତି ଉପରେ ନିର୍ଭରତା ରଖିବାକୁ ହୁଏ । ଅତଏବ କୌଣସି ସାଧକର ପରାମର୍ଶ ନେବା ଉଚିତ ନୁହେଁ ବୋଲି ମୋର ମନେ ହୁଏ ।

ଉତ୍ତର : ଅନ୍ୟ ସାଧକଙ୍କ ପରାମର୍ଶ ନ ନିଅନ୍ତୁ । ପ୍ରତ୍ୟେକ ବ୍ୟକ୍ତି ସକାଶେ ଗୋଟିଏ ପ୍ରଣାଳୀ ନୁହେଁ । ପ୍ରତ୍ୟେକ ବ୍ୟକ୍ତିର ନିଜ ସ୍ୱଭାବ ତଥା ନିଜ ମନୋଭାବ ଅନୁସାରେ ଭିନ୍ନ ଭିନ୍ନ ପ୍ରଣାଳୀ । ଯେଉଁ ପ୍ରଣାଳୀରେ ଯାହାର ବିଶ୍ୱାସ ଏବଂ ଆନ୍ତରିକତା ଥାଏ ତା' ସକାଶେ ସେହି ପ୍ରଣାଳୀ ଉତ୍ତମ ଏବଂ ଫଳପ୍ରସୂ ହୁଏ ।

ଅହଂ-ସ୍ୱାର୍ଥ ଏବଂ କୌଣସି ପ୍ରକାର ପ୍ରତିକୂଳ ଅବସ୍ଥା, ମା ଏବଂ ଆମ ମଧ୍ୟରେ ଆବରଣ ହୋଇ ମା'ଙ୍କଠାରୁ

ଆମକୁ ପୃଥକ୍ କରିଦିଅନ୍ତି । ମା' ଏବଂ ଆମ୍ଭମାନଙ୍କ ମଧ୍ୟରେ ତୃତୀୟ ବ୍ୟକ୍ତି ହେଉଛନ୍ତି ଏହି ଅହଂ-ସ୍ୱାର୍ଥ । ତୃତୀୟ ବ୍ୟକ୍ତିକୁ ଦୂର କରିବା ସକାଶେ ଯାହା ପାଇଁ ଯେଉଁ ସମୟରେ ଯେଉଁ ଉପାୟ ସହଜ ସେ ସେହି ଉପାୟ ଅବଲମ୍ବନ କରିବା ଉଚିତ । ପ୍ରତିକୂଳ ଅବସ୍ଥାକୁ ଦୂର ନ କରିବାକୁ ଯେଉଁ ପ୍ରେରଣା ବା ଯୁକ୍ତି ଆସେ ତାହା ପ୍ରତିକୂଳ ଶକ୍ତିର ।

ମୋର ବ୍ୟକ୍ତିଗତ ଧାରଣା ଏବଂ ଅନୁଭୂତି – ଅଯୋଧ୍ୟାରେ ଥିବା ସମୟରେ ତଥା ଏହି ଆଶ୍ରମରେ କେତେକ ପ୍ରତିକୂଳ ଘଟଣାରେ କୌଣସି ଉଚ୍ଚକୋଟୀର ସାଧକଙ୍କୁ ନିଜ ପରିସ୍ଥିତି କହି ତାଙ୍କ ପରାମର୍ଶ ନେବା ସଙ୍ଗେ ସଙ୍ଗେ ମା'ଙ୍କ କୃପାରୁ ଅନ୍ତରରେ ବିବେକ ଜାଗ୍ରତ୍ ହୁଏ ଏବଂ ପ୍ରତିକୂଳ ଅବସ୍ଥା ଜଣାପଡ଼େ ତଥା ପରିବର୍ତ୍ତନ କରିବାର ଉପାୟ ମଧ୍ୟ ସ୍ପଷ୍ଟ ହୁଏ ।

ପ୍ରଶ୍ନ : ସାଧନାରେ ଅଗ୍ରସର ନ ହୋଇ ଅହଂ-ସ୍ୱାର୍ଥକୁ ଚିହ୍ନି ତାକୁ ବର୍ଜନ କରିବା ନିମିତ୍ତ କ'ଣ ଉପରଲିଖିତ ଉପାୟ ଛଡ଼ା ଅନ୍ୟ ଉପାୟ ନାହିଁ ?

ଉତ୍ତର : ଅଛି । ତାହା ହେଉଛି ମା'ଙ୍କ ଉପରେ ନିର୍ଭରତା ଏବଂ ବିଶ୍ୱାସ । ସେହି ନିର୍ଭରତା ଏବଂ ବିଶ୍ୱାସକୁ ସାଧନାର ଏକେବାରେ ଆରମ୍ଭ ଅବସ୍ଥାରୁ ଜାବୁଡ଼ି ଧରି ରଖିବାକୁ ହେବ । ବ୍ୟକ୍ତି ଯଦି ମା'ଙ୍କ ଉପରେ ନିର୍ଭରତା ଏବଂ ବିଶ୍ୱାସକୁ ସତତ ସ୍ମରଣ ରଖେ ଏବଂ ଅଭୀପ୍ସା କରେ, ତେବେ ତାହା ବୃଦ୍ଧି ହୁଏ । ସେହି ନିର୍ଭରତା ଆସେ ମା'ଙ୍କ କୃପାରୁ କିଂବା କୌଣସି ଘଟଣାରୁ, କୌଣସି ବ୍ୟକ୍ତିର ସମ୍ବନ୍ଧରୁ । ଏହି ବିଶ୍ୱାସ-ନିର୍ଭରତା ହଠାତ୍ ଆସିପାରେ କିଂବା ସାଧନାରେ ବହୁତ ଅଗ୍ରସର ହେବା ପରେ, ପ୍ରତିକୂଳ ଶକ୍ତି ସହିତ ବହୁତ ସଂଘର୍ଷ ହେବା ଦ୍ୱାରା ଆସେ । ଏହା ଆସେ ନିଶ୍ଚିତ ରୂପେ । ଏହା ନ ଆସିବା ପର୍ଯ୍ୟନ୍ତ ସାଧନା ନିରାପଦ ହୁଏ ନାହିଁ । ଏହାରି ଦ୍ୱାରା ଅନ୍ତରରେ ବିବେକ-ଜ୍ଞାନ ଜାତ ହୁଏ, ତେବେ ବ୍ୟକ୍ତି ସହଜରେ ଅହଂ-ସ୍ୱାର୍ଥର କ୍ରିୟାକୁ ଚିହ୍ନିପାରେ ଏବଂ ବର୍ଜନ କରିପାରେ ।

ପ୍ରଶ୍ନ : ଅହଂ-ସ୍ୱାର୍ଥ କ୍ରିୟାର ଆନ୍ତରିକ ଲକ୍ଷଣ କ'ଣ ?

ଉତ୍ତର : ବ୍ୟକ୍ତି ଯେଉଁ କର୍ମ କରୁଥାଏ, ସେ ତାହାକୁ ଅନ୍ୟ ଅପେକ୍ଷା ଉତ୍ତମ ରୂପେ କରୁଛି ବୋଲି ଧାରଣା କରେ । କଥାରେ କହୁଥାଏ, ''ମା' ତାଙ୍କ କାର୍ଯ୍ୟ କରୁଛନ୍ତି'', ଅନ୍ତରରେ ଥାଏ, ''ମୋ ଛଡ଼ା ଏ କାର୍ଯ୍ୟ ହୋଇପାରିବ ନାହିଁ'' ଅଥବା ''ଅମୁକ ବ୍ୟକ୍ତି ମୋତେ ନ ପଚାରି, ମୋ ପରାମର୍ଶ ବିନା ନିଜେ ବଡ଼ ହେବା ଉଦ୍ଦେଶ୍ୟରେ କାର୍ଯ୍ୟ କରି ଚାଲିଯାଉଛି, ସେ ପରିଚାଳିତ ହେଉଛି କେବଳ ଅହଂ ଦ୍ୱାରା ।'' ଏହି ଧାରଣା ରଖି ସେ ବ୍ୟକ୍ତିର କାର୍ଯ୍ୟରେ ବାଧା ଦେବା ସକାଶେ ବହୁତ ଉପାୟ ଭାବୁଥାଏ ଏବଂ ତାକୁ କାର୍ଯ୍ୟରେ ପରିଣତ କରେ । ଏଥିରେ ସଂଘର୍ଷ ହୁଏ, ବିବାଦ ହୁଏ, ମା'ଙ୍କ କାର୍ଯ୍ୟ ବ୍ୟାହତ ହୁଏ । ଏଥିରୁ ଈର୍ଷା, ବିରୋଧ, ସ୍ୱାର୍ଥ, ହିଂସା, ଦ୍ୱେଷ ଇତ୍ୟାଦି ଜନ୍ମେ । ଏହାହିଁ ହେଲା ଅହଂ-ସ୍ୱାର୍ଥ ବା ପ୍ରତିବନ୍ଧକ ଅବସ୍ଥାର ଆନ୍ତରିକ ଲକ୍ଷଣ । ଏହିସବୁ କେବେ କେବେ ସିଧା ସିଧା ପ୍ରକାଶିତ ହୁଏ । କେବେ କେବେ ''ଅନ୍ୟ ବ୍ୟକ୍ତି ଦ୍ୱାରା ମା'ଙ୍କ କାର୍ଯ୍ୟରେ କ୍ଷତି ହେଉଛି'' ଏହି ମନୋଭାବକୁ ଆଶ୍ରୟ କରି ଛଦ୍ମରୂପେ ପ୍ରକାଶିତ ହୁଏ । ଏହିସବୁ ବୃତ୍ତି କୌଣସି ଅବସ୍ଥାରେ ବି ଭାଗବତୀ ଶକ୍ତିର ହୋଇପାରନ୍ତି ନାହିଁ, ଏହିସବୁ ଅବସ୍ଥା ସର୍ବଦା ତ୍ୟାଜ୍ୟ ।

ପ୍ରଶ୍ନ : ଅଧ୍ୟାତ୍ମ କର୍ମରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ମନୋଭାବର ସ୍ୱରୂପ କ'ଣ ?

ଉତ୍ତର : ଅଧ୍ୟାତ୍ମ-ସାଧନା ପଶ୍ଚାତରେ ବଡ଼ ସାଧକ ହେବା, ଲୋକଙ୍କଠାରୁ ପ୍ରଶଂସା, ନାମ-ଯଶଃ ପାଇବାର ମନୋଭାବ ହେଲା ଅହଂ-ସ୍ୱାର୍ଥର ସ୍ୱରୂପ ।

ପୂର୍ବେ କୁହାଯାଇଛି ଯେ ମନୁଷ୍ୟର ବ୍ୟକ୍ତିତ୍ୱ ଗଠିତ ହୋଇଛି ଅହଂ ଏବଂ ସ୍ୱାର୍ଥ ଦ୍ୱାରା । କୌଣସି ଗୋଟିଏ ବ୍ୟକ୍ତି ଏଥିରୁ ମୁକ୍ତ ନୁହେଁ । ସେ ଆସିଛି ପଶୁରୁ, ଶରୀର ପ୍ରାପ୍ତ ହୋଇଛି ମନୁଷ୍ୟର । କିନ୍ତୁ କାମନା-ବାସନା ବିଦ୍ୟମାନ ରହିଛି ପଶୁର । ବରଂ ପଶୁ ଅପେକ୍ଷା ମନୁଷ୍ୟର ମନ-ବୁଦ୍ଧି ଅଧିକ ଥିବାରୁ ସେ ବାସନା-କାମନା ସହଜରେ ଚରିତାର୍ଥ କରିପାରୁଛି ।

ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ତା'ର ବାସନା-କାମନା ହଠାତ୍ ଦୂର ହୁଏ ନାହିଁ କି ରୂପାନ୍ତର ହୁଏ ନାହିଁ । ଭୂତ ଥିବା ଗଛକୁ କାଟି ଦେଲେ ଭୂତ ଯେପରି ଚାଲି ନ ଯାଇ ଅନ୍ୟ ଗଛର ଆଶ୍ରୟ ନିଏ ସେହିପରି ଜାଗତିକ ଭୋଗ-ବିଳାସ, ଐଶ୍ୱର୍ଯ୍ୟ, ଅଧିକାର ତ୍ୟାଗରେ ବାସନା-କାମନା ଦୂର ହୁଏ ନାହିଁ ବରଂ ଅଧ୍ୟାତ୍ମ ମାର୍ଗରେ ସତ୍ୟ ଆଶ୍ରୟରେ ତାହା ନିଜକୁ ଚରିତାର୍ଥ କରିବାକୁ ଚାହେଁ ।

ପ୍ରଶ୍ନ : ଅଧ୍ୟାତ୍ମ-ମାର୍ଗରେ ବ୍ୟକ୍ତି କାମନା-ବାସନା କିପରି ଚରିତାର୍ଥ କରିବାକୁ ଚାହେଁ ?

ଉତ୍ତର : ବ୍ୟକ୍ତି ବଡ଼ ସାଧକ ରୂପେ, ବୈରାଗ୍ୟବାନ୍, ତ୍ୟାଗୀ, ଲେଖକ, ସଂଗଠକ, ବ୍ୟବସ୍ଥାପକରୂପେ ସମାଜରେ ପ୍ରସିଦ୍ଧିଲାଭ କରି ନାମ-ଯଶଃ ଦ୍ୱାରା କାମନା-ବାସନା ପୂର୍ଣ୍ଣ କରିବାକୁ ଚାହେଁ ।

ସାଧକ ଅଧ୍ୟାତ୍ମ-ମାର୍ଗରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଅଥବା କିଛିଦୂର ଅଗ୍ରସର ହେବା ପରେ ତା'ର ଯଦି ଅଭୀପ୍ସା ଥାଏ, ତେବେ ଅଧ୍ୟାତ୍ମ ଶକ୍ତି କିଛି ତା' ମଧ୍ୟରେ ପ୍ରକାଶିତ ହୁଏ ଅଥବା ଅବତରଣ କରେ । ଧାନ କ୍ଷେତରେ ଖତ ପାଇ ଧାନ ସହିତ ବାଲୁଙ୍ଗା ପ୍ରବଳ ହେବା ସଦୃଶ ଅଧ୍ୟାତ୍ମ-ଶକ୍ତି ସ୍ପର୍ଶରେ ବ୍ୟକ୍ତିର କାମନା-ବାସନା ଅହଂ-ସ୍ୱାର୍ଥ ପ୍ରବଳ ହୁଏ । ବ୍ୟକ୍ତି ଯେଉଁ କାର୍ଯ୍ୟ କରେ ସେଥିରେ ଭାଗବତୀ ଶକ୍ତି ସାହାଯ୍ୟ ବି କରେ । ସେ ଯୋଗ ସମ୍ବନ୍ଧେ କିଛି ଲେଖିପାରେ, ଲୋକଙ୍କୁ ବୁଝାଇପାରେ, ଲୋକଙ୍କଠାରୁ ଆଦର-ସମ୍ମାନ ପାଏ; ଅଥବା ଜଣେ ଭଲ ସାଧକ, ଭଲ ବକ୍ତା, ବୈରାଗ୍ୟବାନ୍, ତ୍ୟାଗୀ, ଭକ୍ତ, ମା'ଙ୍କ ପ୍ରତି ବିଶ୍ୱାସ ରଖିଥିବା ନିଷ୍ଠାବାନ୍ କିଂବା ଭଲ ବ୍ୟବସ୍ଥାପକ ବା ପ୍ରଚାରକ, ଭଲ ସଂଗଠକ କିଂବା ଅଧ୍ୟାତ୍ମ ମାର୍ଗରେ ସେ ଜଣେ ଉତ୍ତମ ଭକ୍ତ ବୋଲି ଲୋକଙ୍କ ପାଖରେ ପରିଚିତ ହୁଏ । ମା'ଙ୍କ ପ୍ରତି ଦୃଢ଼ବିଶ୍ୱାସ, ନିଷ୍ଠା କୌଣସି ଭାଗରେ ଥିଲେ ସେ କୌଣସି କାର୍ଯ୍ୟ-ସିଦ୍ଧି ସକାଶେ ମା'ଙ୍କୁ ପ୍ରାର୍ଥନା କଲେ କିଂବା ତୀବ୍ରଭାବେ ଚାହିଁଲେ ତାହା ସଫଳ ହୁଏ । ଏଥିରେ ବ୍ୟକ୍ତିର ଅହଂ-ସ୍ୱାର୍ଥ ଫୁଲି ଉଠେ । ଭ୍ରମବଶତଃ ସେ ସ୍ୱୟଂ ମନେକରେ ସେ ଜଣେ ଶ୍ରେଷ୍ଠ ସାଧକ, ଅନ୍ୟ ଅପେକ୍ଷା ମା'ଙ୍କ କୃପା ତା' ଉପରେ ଅଧିକ । ସେ ମା'ଙ୍କ ଯନ୍ତ୍ର । ସେ ଚାହେଁ ଲକ୍ଷ୍ୟପ୍ରାପ୍ତି, ମା'ଙ୍କ ସେବା, ମା'ଙ୍କ ପ୍ରତି ସମର୍ପଣ, ମା'ଙ୍କ କାର୍ଯ୍ୟ କରିବାକୁ, ଏଥିସକାଶେ ସେ ସାଂସାରିକ ଭୋଗ-ବିଳାସ, ଅର୍ଥ, ଅଧିକାର, ଐଶ୍ୱର୍ଯ୍ୟାଦି ସମସ୍ତ ତ୍ୟାଗ କରେ । କିନ୍ତୁ ଏହା ମୂଳରେ ସ୍ପଷ୍ଟଭାବେ ଥାଏ ଅଧ୍ୟାତ୍ମ-ମାର୍ଗରେ ନିଜର ନେତୃତ୍ୱ, ନାମ-ଯଶଃ-ପ୍ରତିଷ୍ଠାର ଅଭିଳାଷ । ସାଧକର ଏହି ଅବସ୍ଥାରେ ବାହ୍ୟ କ୍ରିୟାରେ ଲକ୍ଷ୍ୟପ୍ରାପ୍ତି ଏବଂ ମା'ଙ୍କ ସେବାଭାବ ଥାଏ ଗୌଣ, ନିଜର ନାମଯଶଃ, ନେତୃତ୍ୱର ଆଶା ଥାଏ ପ୍ରଧାନ । ଏହାର ଲକ୍ଷଣ ହେଲା — ନାମଯଶଃ, ନେତୃତ୍ୱରେ ବାଧା ପଡ଼ିଲେ କିଂବା ଅନ୍ୟ ଦ୍ୱାରା ନିଜ ଅଧିକାର ବ୍ୟାହତ ହେଲେ ଯେଉଁ କାର୍ଯ୍ୟ ମା'ଙ୍କ ସେବା ଅଥବା ଲକ୍ଷ୍ୟପ୍ରାପ୍ତି ସକାଶେ କରାହେଉଥାଏ, ସେହି କାର୍ଯ୍ୟ ପ୍ରକାଶ୍ୟରେ ଅଥବା ଅପ୍ରକାଶ୍ୟରେ ବ୍ୟର୍ଥ କରିବାରେ ପଶ୍ଚାତ୍‌ପଦ ହୁଏ ନାହିଁ ।

କେବେ କେବେ ଅହଂ-ସ୍ୱାର୍ଥର ପ୍ରବଳତା ଯୋଗୁଁ ବିବେକ-ବିଚାର ଆବୃତ ହୋଇଥାଏ । ନିଜ ଅହଂ ଏବଂ ସ୍ୱାର୍ଥରେ ବାଧା ପଡ଼ିବା ମାତ୍ରେ ସେ ଆଉ ବରଦାସ୍ତ କରିପାରେ ନାହିଁ । ତା' ଦୃଷ୍ଟିରେ ସେ ସର୍ବଥା ନିର୍ଦ୍ଦୋଷ, ଅନ୍ୟ ବ୍ୟକ୍ତି ଦୋଷଯୁକ୍ତ, ନିଜ କାର୍ଯ୍ୟ ନିର୍ଭୁଲ, ଅନ୍ୟର କାର୍ଯ୍ୟ ଭ୍ରମପୂର୍ଣ୍ଣ; ନିଜ କହିବା, ବୁଝିବା ଓ ଭାବିବା ଠିକ୍ ଏବଂ ଅନ୍ୟର କହିବା, ବୁଝିବା, ଭାବିବା ସର୍ବଥା ଭୁଲ୍ ବୋଲି ସେ ଭାବେ । ନିଜର ଏହି ଧାରଣାକୁ ପୋଷଣ କରିବା ସକାଶେ ନାନାପ୍ରକାର ଯୁକ୍ତିଦିଏ । ନିଜ ଧାରଣାକୁ ସମର୍ଥନ କରିବା ବ୍ୟକ୍ତି ଅତ୍ୟନ୍ତ ପ୍ରିୟ ହୁଏ । ଅନ୍ୟ ବ୍ୟକ୍ତି ଯଥାର୍ଥ

କାର୍ଯ୍ୟ କରୁଥିବା ସତ୍ତ୍ୱେ ଆନୁଗତ୍ୟ ସ୍ୱୀକାର ନ କଲେ ତଥା ନିଜ ଧାରଣାକୁ ଏବଂ ନିଜ କାର୍ଯ୍ୟକୁ ସମର୍ଥନ ନ କଲେ ସେ ଅପ୍ରିୟ ହୁଏ । ସେ ଭଗବାନ୍ ବା ମା'ଙ୍କ ସକାଶେ ଯେଉଁ କାର୍ଯ୍ୟ ବିଶେଷ ମହତ୍ତ୍ୱପୂର୍ଣ୍ଣ ଭାବି କରେ ବା କରୁଥାଏ ସେହି କାର୍ଯ୍ୟ ସଂପର୍କରେ ଅନ୍ୟ ବ୍ୟକ୍ତି ଦ୍ୱାରା ନିଜ ଅଧିକାର ବା ନାମ-ଯଶଃରେ ବାଧା ପଡ଼ିଲେ, ସେହି କାର୍ଯ୍ୟ ବ୍ୟାହତ ହେବା ନ ହେବା ବିଚାର ନ କରି କାର୍ଯ୍ୟ ତ୍ୟାଗ କରେ ଅଥବା ଅନ୍ୟ ସଙ୍ଗେ ସଂଘର୍ଷ ବା ଝଗଡ଼ା କରିବା ଦ୍ୱାରା ମା'ଙ୍କ କାର୍ଯ୍ୟ ନଷ୍ଟ ହୁଏ ।

ପ୍ରଶ୍ନ : ବ୍ୟକ୍ତି ସର୍ବଥା ମୋହ-ମାୟାରେ ଆବୃତ ଥାଏ । ଭଗବତ୍ କୃପାରୁ ତା'ର ଗୋଟିଏ ଭାଗ ଭଗବତ୍ ଅଭିମୁଖୀ ହୁଏ । ଅଧ୍ୟାତ୍ମ-ମାର୍ଗରେ ଯଦି ବ୍ୟକ୍ତିର ଭଗବାନଙ୍କୁ ନ ଚାହୁଁଥିବା ଭାଗ ପୂର୍ବ ଅଭ୍ୟାସବଶତଃ କାମନା-ବାସନା, ଅହଂ-ସ୍ୱାର୍ଥର ଦାବି ପୂରା କରିବାକୁ ଚାହେଁ, ତେବେ ତା'ର ପରିଣାମ କ'ଣ ହୁଏ ?

ଉତ୍ତର : ଅହଂ-ସ୍ୱାର୍ଥ, କାମନା-ବାସନା ପୂର୍ଣ୍ଣ ହେବାରେ ବହୁ ବାଧାବିଘ୍ନ, ଦୁଃଖକଷ୍ଟ ବ୍ୟକ୍ତି ଭୋଗେ । ତାହାରି ମଧ୍ୟଦେଇ ଭଗବାନଙ୍କ କୃପାରୁ ତା' ସତ୍ତା ଶୁଦ୍ଧ ହୁଏ, ପରିଣାମରେ ସେ ଭଗବତ୍ ପ୍ରାପ୍ତି କରେ । ତା'ର ସର୍ବଥା ପତନ ହୁଏ ନାହିଁ । କୌଣସି ବ୍ୟକ୍ତି କୌଣସି ଭାଗରେ ଯଦି ଭଗବତ୍ ଶରଣ ନିଏ ତା'ର ଅନ୍ୟାନ୍ୟ ଭାଗରେ ମହାନ୍ ଦୋଷ ଥିଲେ ମଧ୍ୟ ଭଗବାନ୍ ତାକୁ ତ୍ୟାଗ କରନ୍ତି ନାହିଁ । ତା'ର ଦୋଷ ସଂଶୋଧନ କରିବାର ଉପାୟ କରନ୍ତି । ସେହି ଅବସ୍ଥା ହୁଏ ବ୍ୟକ୍ତିର ଅପ୍ରିୟ ! ସେ ମୋହବଶତଃ ତାହା ଦଣ୍ଡ ମନେ କରିପାରେ, କିନ୍ତୁ ସେହି ଦଣ୍ଡର ପଶ୍ଚାତରେ ଥାଏ ଭଗବାନଙ୍କର ଅସୀମ କୃପା, ଅକଳ୍ପନୀୟ ଦୟା ।

ପ୍ରଶ୍ନ : ଯେଉଁମାନେ ବିଦ୍ୱାନ୍ ସାଧକ ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର କରନ୍ତି ଅଥବା ସଂସାରରେ ମହତ୍ତ୍ୱପୂର୍ଣ୍ଣ କର୍ମ କରନ୍ତି ସେମାନଙ୍କର କର୍ମରେ ଅହଂ-ସ୍ୱାର୍ଥ ରହିପାରେ । ଯେଉଁମାନେ ଝାଡୁ ଲଗାନ୍ତି ବା ବାସନ ମାଜନ୍ତି ସେମାନଙ୍କର ଅହଂ-ସ୍ୱାର୍ଥ ରହିବ କିପରି ?

ଉତ୍ତର : ସନ୍ନ୍ୟାସୀମାନେ ବସ୍ତୁରୁ ମମତା ତ୍ୟାଗ କରିବା ସକାଶେ ସର୍ବସ୍ୱ ତ୍ୟାଗ କରନ୍ତି, କିନ୍ତୁ ଗୋଟିଏ ଗଛମୂଳରେ ଗୋଟିଏ ରାତ୍ରି ବିଶ୍ରାମ କରିବାରେ ସେହି ଗଛମୂଳରେ ମମତା ହୁଏ, ସେଥିପାଇଁ ସେମାନେ ଗୋଟିଏ ଗଛମୂଳରେ ଦୁଇରାତ୍ରି ବିଶ୍ରାମ କରନ୍ତି ନାହିଁ । ମହତ୍ତ୍ୱପୂର୍ଣ୍ଣ କର୍ମ ବା ଅସାଧାରଣ କର୍ମକୁ ଅହଂ ପରବାୟ କରେ ନାହିଁ । ଝାଡୁ ଲଗାଇବାରେ, ବାସନ ଧୋଇବାରେ ବି ଅହଂ ପ୍ରେରଣାରେ ବ୍ୟକ୍ତି ମନେକରେ, ''ମୁଁ ଅନ୍ୟ ଅପେକ୍ଷା ଉତ୍ତମ ରୂପେ, ପରିଷ୍କାର ଭାବେ ଝାଡୁ ଲଗାଇପାରେ, ବାସନ ମଧ୍ୟ ଧୋଇପାରେ, ମୋ ପରି ଅନ୍ୟ କରି ପାରିବ ନାହିଁ ।'' କିଂବା ମନେ କରେ, ''କର୍ମରେ ସାନବଡ଼ ନାହିଁ, ଭାବରେ, ମୁଁ ଏହି କର୍ମ ସମର୍ପଣଭାବେ କରୁଛି, ଅତଏବ ମୋର ଏହା କର୍ମ ।'' ଅହଂ-ସ୍ୱାର୍ଥ ରୂପାନ୍ତର ନ ହେବା ପର୍ଯ୍ୟନ୍ତ ବ୍ୟକ୍ତି ଯେଉଁ କାର୍ଯ୍ୟ କରେ ସେଥିରେ ତାହା ପ୍ରକାଶିତ ହୁଏ ।

ପ୍ରଶ୍ନ : ବ୍ୟକ୍ତି ଭଗବତ୍ ଆଶ୍ରୟ ନେବା ପରେ ତା'ର ଅହିତକର କାମନା-ବାସନା ପୂରା କରି ତା'ର ଅହଂକୁ ଭଗବାନ୍ ବୃଦ୍ଧି କରନ୍ତି କାହିଁକି ?

ଉତ୍ତର : ଭଗବାନ୍ ବ୍ୟକ୍ତିର ଅହଂ ବୃଦ୍ଧି କରିବା ସକାଶେ ତା'ର କାମନା-ବାସନା ପୂର୍ଣ୍ଣ କରନ୍ତି ନାହିଁ, ବାସନା-କାମନା ପୂର୍ଣ୍ଣ କରନ୍ତି ତା'ର ଭଗବତ୍ ବିଶ୍ୱାସ ଦୃଢ଼ କରିବା ସକାଶେ । କିନ୍ତୁ ବ୍ୟକ୍ତି ସ୍ୱଭାବବଶତଃ ତା'ର କାମନା-ବାସନା ପୂର୍ଣ୍ଣ ହେବାରେ ଅହଂ-ସ୍ୱାର୍ଥ ବୃଦ୍ଧି ହୁଏ । କୃଷକ ଧାନଗଛକୁ ବଳଶାଳୀ କରିବା ସକାଶେ କ୍ଷେତରେ ଖତ ଦିଏ,

କିନ୍ତୁ ଧାନ ସଙ୍ଗେ ବାଲୁଙ୍ଗା ଥିବାରୁ ସେ ବି ସେଥିରୁ ଲାଭ ଉଠାଏ । ବାଲୁଙ୍ଗା ଶକ୍ତିଶାଳୀ ହେବା କୃଷକକୁ ଜଣାଥିବା ସତ୍ତ୍ୱେ ସେ ପରବାୟ କରେ ନାହିଁ; ଧାନଗଛ ବଳିଷ୍ଠ ହେବା ପରେ ବାଲୁଙ୍ଗାକୁ ଉପାଡ଼ି ଫୋପାଡ଼ି ଦିଏ । ଠିକ୍ ସେହିପରି ଭଗବାନ୍, ଭକ୍ତର ବାସନା-କାମନା ପୂର୍ଣ୍ଣ କରିବାରେ ତା'ର ଭଗବତ୍ ବିଶ୍ୱାସ ବୃଦ୍ଧି ସହିତ ଅହଂସ୍ୱାର୍ଥ ବଢ଼େ, କିନ୍ତୁ ବିଶ୍ୱାସ ଦୃଢ଼ ହେବା ପରେ ତା'ର ବାସନା-କାମନା ବ୍ୟର୍ଥ କରି ତାହାରି ଦ୍ୱାରା ତା' ଅହଂ ସ୍ୱାର୍ଥକୁ ଉପାଡ଼ି ଫୋପାଡ଼ି ଦିଅନ୍ତି । ବ୍ୟକ୍ତିର ଯେତେବେଳେ ଭଗବତ୍ ବିଶ୍ୱାସ ଗୋଟିଏ ଭାଗରେ ଦୃଢ଼ ହୋଇସାରି ଥାଏ, ବାସନା-କାମନାର ବିଫଳତାରେ ଭଗବାନଙ୍କୁ ଛାଡ଼ି ଯିବାର ବାଟ ନ ଥାଏ, ସେତେବେଳେ ଯେଉଁ ବାସନା-କାମନା ଭଗବାନଙ୍କ ସଙ୍କଳ୍ପର ପ୍ରତିକୂଳ ହୁଏ, ତାହାକୁ ବ୍ୟର୍ଥ କରାହୁଏ । ଏହି ବିଫଳତାରେ ବ୍ୟକ୍ତିକୁ ବିଶେଷ ମାନସିକ ପୀଡ଼ା ହୁଏ । କେବେ କେବେ କର୍ମରେ ବୈରାଗ୍ୟ ଆସେ, କେବେ କର୍ମରେ ବିରୋଧ କରିବାକୁ ପ୍ରବୃତ୍ତି ହୁଏ । ସେଥିରେ ସଫଳତା ନ ହେଲେ ଅଧିକ ମନସ୍ତାପ ହୁଏ । ଈର୍ଷ୍ୟା, ବିରୋଧ, ହତାଶା, ନିରାଶା, ଅଶାନ୍ତିରେ ବ୍ୟକ୍ତି ଜର୍ଜରିତ ହୁଏ; କିନ୍ତୁ ଭଗବାନଙ୍କୁ ଛାଡ଼ି ଯାଇପାରେ ନାହିଁ । ଏହିସବୁ ପ୍ରତିକୂଳ ଘଟଣାରେ ତା'ର ବାସନା-କାମନା, ପ୍ରାଣର ଗତିବୃତ୍ତି ଶାନ୍ତ ହୋଇଯାଏ । ସେହି ଅବସ୍ଥାରେ ଭଗବାନ୍ ତା' ଅନ୍ତରରେ ଜ୍ଞାନ, ଜ୍ୟୋତିଃ ପ୍ରକାଶ କରନ୍ତି, ସେ ନିଜର ସ୍ୱାର୍ଥ-ଅହଂକୁ ଚିହ୍ନିପାରେ ଏବଂ ବର୍ଜନ କରିବାକୁ ସଂକଳ୍ପ କରେ । ସୁତରାଂ ସେ ଥରକରେ ପୂର୍ଣ୍ଣ-ରୂପେ ସଚେତ ହୋଇପାରେ ନାହିଁ । ତା' ସତ୍ତା ଶୁଦ୍ଧ ନ ହେବା ପର୍ଯ୍ୟନ୍ତ ବାରଂବାର ପ୍ରତିକୂଳ ଅବସ୍ଥାର ସୁଯୋଗ ପାଇ ଅହଂ-ସ୍ୱାର୍ଥ, ବାସନା-କାମନା ଆସୁଥାଆନ୍ତି । ଏହି ଅବସ୍ଥା ମଧ୍ୟଦେଇ ଭଗବାନଙ୍କ ଜ୍ଞାନ, ଜ୍ୟୋତିଃ ଅଧିକାଧିକ ପ୍ରକାଶିତ ହେଉଥାଏ ଏବଂ ଭାଗବତୀ ଶକ୍ତିର ରୂପାନ୍ତର କ୍ରିୟା କ୍ରମଶଃ ବୃଦ୍ଧି ହେଉଥାଏ । ଶେଷରେ ବ୍ୟକ୍ତି ନିଜ ଦୋଷତ୍ରୁଟି ସମ୍ବନ୍ଧେ ପୂର୍ଣ୍ଣରୂପେ ସଚେତ ହୁଏ ଏବଂ ତାହା ତ୍ୟାଗ କରେ । ଭଗବାନ୍ ନିଜ ଆଶ୍ରିତ ବ୍ୟକ୍ତିର ଦୋଷ ଦେଖି ତ୍ୟାଗ କରନ୍ତି ନାହିଁ । ଶିଶୁ ଶରୀରରେ ବଥ ହେଲେ ତା'ର ଆରୋଗ୍ୟ ସକାଶେ ମା' ନିର୍ଦ୍ଦୟରୂପେ ଶିଶୁର ପୀଡ଼ାକୁ ଭ୍ରୂକ୍ଷେପ ନ କରି ବଥ ଚିରି ପୂଯ ବାହାର କରିବା ସଦୃଶ ଭଗବାନ୍ ନିଜ ଆଶ୍ରିତର ହିତ ସକାଶେ ତା' ଦୋଷକୁ ନିର୍ମମଭାବେ ସଂଶୋଧନ କରନ୍ତି ।

ପ୍ରଶ୍ନ : ଭଗବାନ୍ ବ୍ୟକ୍ତିର ଭଗବତ୍ ବିଶ୍ୱାସ ଦୃଢ଼ କରିବା ସକାଶେ ତା' ବାସନା-କାମନା ପୂର୍ଣ୍ଣ କରି ତା' ଅହଂକୁ ବୃଦ୍ଧି କରନ୍ତି, ନା ତା' ଆଧାରରେ ବାସନା-କାମନା ବିଦ୍ୟମାନ ଥାଏ, ତାହା ପୂରା ହେବାରେ ଭଗବତ୍ ବିଶ୍ୱାସ ବୃଦ୍ଧି ହୁଏ ? ଏହି ଦୁଇଟି ପ୍ରଣାଳୀରୁ କେଉଁଟି ଠିକ୍ ?

ଉତ୍ତର : ଘଟେ ଏହିପରି । ଦୁଇଟି ପ୍ରଣାଳୀ ଯଥାର୍ଥରେ ଏକ, କେବଳ ଭାଷା ଭିନ୍ନ । ପ୍ରତ୍ୟେକ ଭକ୍ତ ନିଜ ଭାବ ଅନୁସାରେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରନ୍ତି । ଯେଉଁ ଭକ୍ତକୁ ଯେଉଁ ଭାବ ଭଲ ଲାଗେ ସେ ସେହି ଭାବ ମାନିନେବା ଉଚିତ ।

ପ୍ରଶ୍ନ : ଅହଂ-ସ୍ୱାର୍ଥ, ବାସନା-କାମନା ଭଗବତ୍ ପ୍ରାପ୍ତିରେ ଭୟଙ୍କର ଅନ୍ତରାୟ । ତାହା ପୂର୍ଣ୍ଣ ହେବାରେ ବ୍ୟକ୍ତିର ଭଗବତ୍ ବିଶ୍ୱାସ ଦୃଢ଼ ହୁଏ କିପରି ?

ଉତ୍ତର : ବ୍ୟକ୍ତିର କାମନା-ବାସନା ପୂର୍ଣ୍ଣ ହେବାରେ ''ତା' ମାନସିକ ବାସନାକୁ ଭଗବାନ୍ ଜାଣିପାରୁଛନ୍ତି ଏବଂ ପୂର୍ଣ୍ଣ କରୁଛନ୍ତି'' ଏହି ଅନୁଭୂତି ଦ୍ୱାରା ବ୍ୟକ୍ତିର ଭଗବାନଙ୍କ ପ୍ରତି କୃତଜ୍ଞତା, ଶ୍ରଦ୍ଧା, ବିଶ୍ୱାସ ଜନ୍ମେ ଏବଂ ଦୃଢ଼ ହୁଏ । ଅର୍ଥାତ୍ ସେ ମନେକରେ, ''ମୋ ଚାହିଁବା ଭଗବାନଙ୍କ ପାଖରେ ପହଞ୍ଚି ପାରୁଛି ଏବଂ ଭଗବାନ୍ ଯଦି ତାହା ପୂରା କରୁଛନ୍ତି, ତେବେ ମୋ ଲକ୍ଷ୍ୟପ୍ରାପ୍ତିରେ ଅନ୍ତରାତ୍ମାର ଡାକ ସେ ନିଶ୍ଚୟ ଶୁଣିବେ ଏବଂ ପୂର୍ଣ୍ଣ କରିବେ ।'' ଏହି ଧାରଣାହିଁ ବିଶ୍ୱାସ ।

ବ୍ୟକ୍ତିର ଅନ୍ତରାତ୍ମା ଭଗବାନଙ୍କ କୃପାରୁ କେବେ କେବେ ଜାଗ୍ରତ୍ ହେଲେ ସେ ଭଗବତ୍ ଅଭିମୁଖୀ ହୁଏ; କିନ୍ତୁ ତା' ମନ-ପ୍ରାଣ ସତ୍ତାରେ ବାସନା-କାମନା, ଅହଂ-ସ୍ୱାର୍ଥ ପୂର୍ଣ୍ଣ ହୋଇଥାଏ । ସେହି କାରଣରୁ ସେ ଭଗବତ୍ ପ୍ରାପ୍ତି ବା ମୁକ୍ତି କିଂବା ମନ-ପ୍ରାଣ-ଶରୀର ରୂପାନ୍ତର ସକାଶେ ଅଭୀପ୍ସା କରିପାରେ ନାହିଁ । ଭଗବାନଙ୍କଠାରୁ ମୋକଦ୍ଦମାରେ ଜିତିବା, ବ୍ୟବସାୟରେ ଲାଭବାନ୍ ହେବା, ପରୀକ୍ଷାରେ ପାସ୍ କରିବା, ବଡ଼ନେତା ହେବା, ସମାଜରେ ପ୍ରତିଷ୍ଠା ଓ ଆଦର-ସମ୍ମାନ ପ୍ରାପ୍ତ ହେବା ଅଥବା ବଡ଼ ସାଧକ, ବଡ଼ ଯୋଗୀ, ଲେଖକ, ବିଦ୍ୱାନ୍, ବକ୍ତାରୂପେ ଲୋକ-ପ୍ରସିଦ୍ଧି ତଥା ଆଦର-ସମ୍ମାନ ପାଇବାକୁ ବ୍ୟକ୍ତି ଚାହେଁ । ଏହି ଚାହିଁବାହିଁ କାମନା-ବାସନା, ଅହଂ-ସ୍ୱାର୍ଥ, ତା'ର ଭଗବାନଙ୍କ ପ୍ରତି କୌଣସି ଭାଗରେ ଦୃଢ଼ ବିଶ୍ୱାସ, ନିଷ୍ଠା ଥିଲେ ଏହିସବୁ କାମନା-ବାସନା ପୂର୍ଣ୍ଣ ହେବାରେ ବ୍ୟକ୍ତିର ଭଗବତ୍ ବିଶ୍ୱାସ ଦୃଢ଼ ହୁଏ । ଏହି ଭଗବତ୍ ବିଶ୍ୱାସ ଦ୍ୱାରା କ୍ରମଶଃ ତା'ର ମନ ପ୍ରାଣ ଶୁଦ୍ଧ ହୁଏ ଏବଂ କାମନା, ବାସନା କ୍ଷୟ ହୁଏ । ଭଗବତ୍ ବିଶ୍ୱାସ ପ୍ରଭାବରେ ତା' ଅନ୍ତରରେ ଜ୍ଞାନ-ଜ୍ୟୋତିଃ ପ୍ରକାଶିତ ହୁଏ, ସେ ସମସ୍ତ କାମନା-ବାସନା ତ୍ୟାଗ କରି ନିଜକୁ ସଂପୂର୍ଣ୍ଣରୂପେ ଭଗବାନଙ୍କ ଚରଣରେ ସମର୍ପଣ କରିପାରେ ।

ପ୍ରଶ୍ନ : ଏହିପରି କ'ଣ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଘଟେ ?

ଉତ୍ତର : ନା, ଭିନ୍ନ ଭିନ୍ନ ବ୍ୟକ୍ତିର ସ୍ୱଭାବ ଅନୁସାରେ ଭିନ୍ନ ଭିନ୍ନ ରୂପେ ଘଟେ । କେହି ଭଗବାନଙ୍କ କୃପାରୁ ସାଧନାର ଆରମ୍ଭରୁ ଅହଂ-ସ୍ୱାର୍ଥକୁ ଚିହ୍ନି ପାରନ୍ତି ଏବଂ ସର୍ବଥା ସଚେତ ରହି ସେସବୁର ପ୍ରେରଣାକୁ କ୍ରିୟାରେ ପରିଣତ ହେବାକୁ ଦିଅନ୍ତି ନାହିଁ ।

ପ୍ରଶ୍ନ : ଯେଉଁ ସାଧକମାନେ ଲକ୍ଷ୍ୟପ୍ରାପ୍ତିର ସାଧନାରୂପେ କର୍ମ ଗ୍ରହଣ କରି ନ ଥା'ନ୍ତି ସେମାନଙ୍କ କର୍ମରେ ଆଗ୍ରହ, ପ୍ରବୃତ୍ତି ଏବଂ ନିଷ୍ଠା ନ ଥାଏ, କେବଳ ପରିସ୍ଥିତି ଦୃଷ୍ଟିରୁ କର୍ମ କରନ୍ତି, ସମ୍ଭବତଃ ସେହିମାନେ ଅହଂ-ସ୍ୱାର୍ଥରୁ ମୁକ୍ତ ହୋଇଥିବେ ?

ଉତ୍ତର : କଦାପି ନୁହେଁ । ଶରୀରରେ ରକ୍ତ ସଦୃଶ ବ୍ୟକ୍ତିର ମନ-ପ୍ରାଣରେ ଅହଂ ଏବଂ ସ୍ୱାର୍ଥ ଓତପ୍ରୋତ ଥାଏ; କୌଣସିରୂପେ ବ୍ୟକ୍ତି ମଧ୍ୟରେ ତାହା କ୍ରିୟା କରେ ।

ପ୍ରଶ୍ନ : ଲୋକ-ସଂପର୍କୀୟ କର୍ମ ଛଡ଼ା ଅହଂ-ସ୍ୱାର୍ଥ କିପରି ପ୍ରକାଶିତ ହୁଏ ?

ଉତ୍ତର : କର୍ମ ଛଡ଼ା କଥାବାର୍ତ୍ତାରେ ଅହଂ-ସ୍ୱାର୍ଥ କ୍ରିୟା କରିପାରେ । ଅହଂ, ସ୍ୱାର୍ଥ କର୍ମରେ ନ ଥାଏ, ଥାଏ ମନ-ପ୍ରାଣକୁ ଅଧିକାର କରି । ବ୍ୟକ୍ତିର ସ୍ୱଭାବ ଅନୁସାରେ ମନ-ପ୍ରାଣର କ୍ରିୟା ଯେଉଁଠାରେ ହୁଏ, ସେଥିରେ ତାହା ପ୍ରକାଶିତ ହୁଏ । ଉଦାହରଣରୂପେ କୌଣସି ବ୍ୟକ୍ତିର ସ୍ଥୂଳ ବୁଦ୍ଧି ଉନ୍ନତ ହୋଇଥାଉ ବା ଅନୁନ୍ନତ ହୋଇଥାଉ ସେ ଯଦି ନିଜ ବୁଦ୍ଧିକୁ ବିଶ୍ୱାସ କରେ, ତେବେ ପ୍ରଥମରେ ସେ ଯେଉଁ ବିଷୟ ବୁଝିଥାଏ, ତାହା ଭୁଲ୍ ଏବଂ ଅଯୌକ୍ତିକ ହେଲେ ମଧ୍ୟ ତାହାକୁ ପୂର୍ଣ୍ଣରୂପେ ନିର୍ଭୁଲ୍ ବୋଲି ଧାରଣା କରେ, ସେଥିରେ ସନ୍ଦେହ ନ ଥିବା ଯୋଗୁଁ ତାହା ଭୁଲ୍ ବା ଠିକ୍, ବୁଝିବାକୁ ଚେଷ୍ଟା କରେ ନାହିଁ । ଯଦ୍ୟପି କୌଣସିମତେ ତାହା ଭୁଲ୍ ବୋଲି ବୁଝିପାରେ ତଥାପି ନିଜ ଭୁଲ୍‌କୁ ସ୍ୱୀକାର ନ କରିବା ସକାଶେ ବରାବର ଯୁକ୍ତି କରେ । ଏହିପରି ମଧ୍ୟ ନିଜ କାର୍ଯ୍ୟରେ ଏବଂ ଅନ୍ୟ କାର୍ଯ୍ୟରେ କରେ । ଅନ୍ୟ ବ୍ୟକ୍ତି ଯେଉଁ କାର୍ଯ୍ୟ କରେ ତାହା ଠିକ୍ ଥାଉ ବା ଭୁଲ୍ ଥାଉ, ତା' ବିଚାରରେ ଯଦି ଭୁଲ୍ ବୋଲି ମନେ ହୁଏ, ତେବେ ସେଥିରେ ପ୍ରତିବାଦ କରେ ଏବଂ ଏହି ପ୍ରତିବାଦକୁ ସ୍ୱୟଂ ନିର୍ଭୀକ, ସ୍ପଷ୍ଟବାଦୀ, ନ୍ୟାୟବାନ୍ ବୋଲି ଭାବି ନିଜ ଅହଂକୁ ସମର୍ଥନ

କରେ । ପରେ କେବେ କେବେ ନିଜ ଭୁଲ୍ ଯଦି ବୁଝିପାରେ ତଥାପି ସେ ସମ୍ବନ୍ଧେ ଭବିଷ୍ୟତରେ ସାବଧାନ ହେବାକୁ ଦୃଢ଼ ସଂକଳ୍ପ ସହ ପ୍ରଯତ୍ନ କରେ ନାହିଁ । ଏହିରୂପେ ବୁଝିବା ଏବଂ ଅନ୍ୟ କର୍ମରେ ପ୍ରତିବାଦ କରିବା ହେଲା ଅହଂର ପରିଚୟ ।

ପ୍ରଶ୍ନ : ଅନ୍ୟ ବ୍ୟକ୍ତି ଯଦି ଠିକ୍ କାର୍ଯ୍ୟ କରିଥାଏ, ସେହି କାର୍ଯ୍ୟକୁ ଭୁଲ୍ ଧାରଣା କରି ପ୍ରତିବାଦ କଲେ ଅହଂର କ୍ରିୟା ହୋଇପାରେ, କିନ୍ତୁ ଭୁଲ୍ କାର୍ଯ୍ୟରେ ପ୍ରତିବାଦ କଲେ ଦୋଷ କ'ଣ ?

ଉତ୍ତର : ଦୋଷ ହୁଏ ପ୍ରତିବାଦ କରିବାରେ । ବ୍ୟକ୍ତିର ଭୁଲ୍ ସଂଶୋଧନ କରିବା ସକାଶେ ତୁମର ଯଦି ଶୁଭ-ଭାବନା, ସହାନୁଭୂତି, ହିତଚିନ୍ତା ତଥା ଭଗବତ୍ ସେବାଭାବ ଥାଏ, ତେବେ ତୁମେ ପ୍ରତିବାଦ କର ନାହିଁ । ନିଜେ ଶାନ୍ତି ଅବସ୍ଥାରେ ରହି ବ୍ୟକ୍ତିକୁ ତା'ର ଭୁଲ୍ ବୁଝାଇ ଦେବାକୁ ଚେଷ୍ଟା କରିପାର । ବ୍ୟକ୍ତି ଯଦି ବୁଝିବାକୁ ନ ଚାହିଁ ନିଜ କରିଥିବା କାର୍ଯ୍ୟକୁ ସମର୍ଥନ କରେ ଏବଂ ତୁମ ସହିତ ପ୍ରତିବାଦ କରେ ତେବେ ତୁମେ ତତ୍କ୍ଷଣାତ୍ ଚୁପ୍ ରହିଯାଅ । ସେଥିରେ ତୁମେ ଯଦି ପ୍ରତିବାଦ କର ତାହା ହେଉଛି ତୁମର ଅହଂ । ସେଥିରେ ବ୍ୟକ୍ତିର କଲ୍ୟାଣ ଭାବନା ନ ଥାଏ, ଥାଏ ନିଜର କହିବାଟା ଯଥାର୍ଥ ବୋଲି ପ୍ରମାଣ କରିବା । ଏହି ଧାରଣାହିଁ ଅହଂ ।

ପ୍ରଶ୍ନ : ଯେଉଁ କାର୍ଯ୍ୟରେ ବ୍ୟକ୍ତିର କ୍ଷତି ହୁଏ ସେଥିରେ ପ୍ରତିବାଦ କରିବା ଉଚିତ ନୁହେଁ କାହିଁକି ?

ଉତ୍ତର : ବ୍ୟକ୍ତି ଯଦି ତୁମର ପରାମର୍ଶ ସ୍ୱୀକାର ନ କରେ ତୁମ ପ୍ରତିବାଦରେ କୌଣସି ଲାଭ ହୁଏ ନାହିଁ, ସୁତରାଂ ପ୍ରତିବାଦ କରିବା ଉଚିତ ନୁହେଁ । ବ୍ୟକ୍ତି ଅଧ୍ୟାତ୍ମ-ମାର୍ଗରେ ଯେକୌଣସି କାର୍ଯ୍ୟ କରେ ତା'ର ଉଦ୍ଦେଶ୍ୟ ଥାଏ ନିଜ ଲକ୍ଷ୍ୟ-ସିଦ୍ଧି ବା ଭଗବାନଙ୍କ ସେବାଭାବ । ସେହି କର୍ମର ଭୁଲ୍ ସଂଶୋଧନ କରିବା ଦାୟିତ୍ୱ ଆମ ଅପେକ୍ଷା ଅଧିକ ତା' ନିଜର ଏବଂ ଭଗବାନଙ୍କର; ସେ ନିଜେ ଯଦି ନିଜ ଭୁଲ୍ ସଂଶୋଧନ କରିବାକୁ ନ ଚାହେଁ, ଭଗବାନ୍ ଯଦି ଚୁପ୍ ରହନ୍ତି ସେଥିରେ ତୃତୀୟ ବ୍ୟକ୍ତିର ମସ୍ତିଷ୍କ ପୀଡ଼ା ହେବ କାହିଁକି ? ଅନ୍ୟର ଭୁଲ୍ ସଂଶୋଧନ କରିବା ଶକ୍ତି ତୁମର ନାହିଁ, ତୁମ କଥା ଅନ୍ୟ ବ୍ୟକ୍ତିମାନେ ଶୁଣନ୍ତି ନାହିଁ, ତୁମ ପ୍ରତିବାଦର ଫଳ ହୁଏ କେବଳ ତୁମ ମଧ୍ୟରେ ଅସ୍ଥିରତା, ଅନୁତାପ, ବିଶେଷ ବିବାଦ ହେଲେ ହୁଏ ଈର୍ଷ୍ୟା । ଅନ୍ୟ ବ୍ୟକ୍ତି ଭୁଲ୍ କରୁ ବା ଠିକ୍ କରୁ ସେ ଯଦି ତୁମର ଯଥାର୍ଥ ପରାମର୍ଶ ନ ଚାହେଁ, ତେବେ ପ୍ରତିବାଦ କରିବା ସର୍ବଦା ଅନୁଚିତ ।

ପ୍ରଶ୍ନ : ଯେଉଁ କାର୍ଯ୍ୟରେ ଆମେ ସଂପୃକ୍ତ ଥାଉ ସେହି କାର୍ଯ୍ୟ ଅନ୍ୟ ଭୁଲ୍ କରିବା ଦ୍ୱାରା ଆମ ଉପରେ କିଛି ପ୍ରଭାବ ପଡ଼ିପାରେ । ସେ ଅବସ୍ଥାରେ ସେହି ଭୁଲ୍ କାର୍ଯ୍ୟରେ ପ୍ରତିବାଦ କରିବା କ'ଣ ଉଚିତ ନୁହେଁ ?

ଉତ୍ତର : ଏକେବାରେ ଉଚିତ ନୁହେଁ । ତୁମକୁ ଯେଉଁ କାର୍ଯ୍ୟ କରିବାର ଦାୟିତ୍ୱ ଦିଆ ହୋଇଛି ତାହା ଠିକ୍ ଭାବରେ କର, ଅନ୍ୟର ଭୁଲ୍ କାର୍ଯ୍ୟର ପ୍ରଭାବ ତୁମ ଉପରେ ପଡ଼ିବ ସେଥିପାଇଁ ଏକେବାରେ ପରବାଏ କର ନାହିଁ । ଏହି ଯୋଗର ସାଧନା ସାମୂହିକ ହେବା ଯୋଗୁଁ ଅନ୍ୟର ଭୁଲ୍ର ପ୍ରଭାବ ସମୂହ ସାଧନାରେ ପଡ଼ିବ, ଏହା ନିଶ୍ଚିତ; କିନ୍ତୁ ପ୍ରତିବାଦ ଦ୍ୱାରା ତୁମେ ଏହା ସଂଶୋଧନ କରିପାରିବ ନାହିଁ । ସବୁଠାରୁ ଉତ୍ତମ ହେବ ନିଜ କାର୍ଯ୍ୟକୁ ନିର୍ଭୁଲ୍ ଭାବରେ କରିବା ।

ଏହାଛଡ଼ା କୌଣସି ବ୍ୟବସ୍ଥାର ନିର୍ଦ୍ଧାରିତ ନିୟମ ପାଳନକୁ ନିଜ ସ୍ୱତନ୍ତ୍ରତାରେ ହସ୍ତକ୍ଷେପ କରାହେଉଛି, ତାହା ଏହି ଧାରଣାରେ ପାଳନ ନ କରିବା ହେଲା ସିଧା ସିଧା ଅହଂକୁ ପ୍ରଶ୍ରୟ ଦେବା । ଯୋଗରେ ବାହ୍ୟ ନିୟମ ପାଳନ

ବିଶେଷ ଆବଶ୍ୟକ । କାରଣ ଏହି ଯୋଗର ଲକ୍ଷ୍ୟ କର୍ମରେ ଭଗବତ୍‌ପ୍ରାପ୍ତି । ଏହି ସକାଶେ ଆଶ୍ରମରେ ତଥା ମା'ଙ୍କ ପ୍ରତ୍ୟେକ କର୍ମରେ ବାହ୍ୟ ନିୟମପାଳନରେ ଅଧିକ ଜୋର ଦିଆହୋଇଛି । କୌଣସି କାର୍ଯ୍ୟରେ ଠିକ୍ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ହେବା, (କ୍ୟୁ) ଲାଇନ୍ ଭଙ୍ଗ ନ କରିବା ଇତ୍ୟାଦି ।

ପ୍ରଶ୍ନ : କର୍ମ ସମସ୍ତ ଦ୍ୱନ୍ଦ୍ୱର କାରଣ । ସେଥିରେହିଁ କାମନା-ବାସନା ବିଦ୍ୟମାନ ଥାଏ । କର୍ମ ତ୍ୟାଗ କରି କେବଳ ଧ୍ୟାନ, ସମର୍ପଣ ଦ୍ୱାରା ଯୋଗ-ମାର୍ଗରେ ଅଗ୍ରସର ହେଲେ କ୍ଷତି କ'ଣ ?

ଉତ୍ତର : କର୍ମ ତ୍ୟାଗ କରି କେବଳ ଧ୍ୟାନ ଦ୍ୱାରା ଶରୀର ସମର୍ପଣ ହୋଇପାରେ ନାହିଁ କିଂବା ବ୍ୟକ୍ତି ଲକ୍ଷ୍ୟ-ସିଦ୍ଧି କରିପାରେ ନାହିଁ । ଲକ୍ଷ୍ୟ ପ୍ରାପ୍ତି ନ ହେବାହିଁ ବିଶେଷ କ୍ଷତି । ବ୍ୟକ୍ତି ରାଜ୍ୟ ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କଲେ ବାସନା-କାମନା ରାଜ୍ୟ ଓ ଐଶ୍ୱର୍ଯ୍ୟରୁ ଯାଇ ଏକମାତ୍ର ସଂପତ୍ତି, ଲେଙ୍ଗୁଟିରେ ଆଶ୍ରୟ ନିଏ ।  କାମନା-ବାସନା ରୂପାନ୍ତର ନ ହେବା ଅବସ୍ଥାରେ କର୍ମ ତ୍ୟାଗ କଲେ ଏହି ତ୍ୟାଗ କରିଥିବା ଭାବରେ ଅହଂ ଆଶ୍ରୟ ନିଏ । 'ମୁଁ ଜଣେ ତ୍ୟାଗୀ'— ଏହି ଭାବହିଁ ଅହଂ ।

ଏହାଛଡ଼ା ଏହି ରୂପାନ୍ତର-ଯୋଗରେ କୌଣସି ଭାଗକୁ ବାଦ୍ ଦେବା ଠିକ୍ ନୁହେଁ । ସବୁଭାଗ ସମସ୍ତ କର୍ମକୁ ରୂପାନ୍ତର କରିବାକୁ ହୁଏ ।

ପ୍ରଶ୍ନ : ବ୍ୟକ୍ତି ଭଗବତ୍ ଆଶ୍ରୟ ନେବା ସଙ୍ଗେ ସଙ୍ଗେ ତା' ଅନ୍ତରରେ ଯଦି ଭଗବାନ୍ ଜ୍ଞାନ ଜ୍ୟୋତିଃ ପ୍ରଜ୍ୱଳିତ କରନ୍ତେ କିଂବା ବିବେକ ବିକାଶ କରି ଦିଅନ୍ତେ ତେବେ ବ୍ୟକ୍ତି ସାଧନା ଆରମ୍ଭରୁ ସଚେତ ହୋଇ ଅହଂ-ସ୍ୱାର୍ଥର କ୍ରିୟାକୁ ବର୍ଜନ କରିପାରନ୍ତା । ଭଗବାନ୍ ସର୍ବ ସମର୍ଥ, ଜୀବ ସର୍ବଦା ଅସମର୍ଥ । ଭଗବାନ୍ ଜୀବ ଉପରେ ଏହି ଦାୟିତ୍ୱ ଦିଅନ୍ତି କାହିଁକି ?

ଉତ୍ତର : ଏହାର ଯଥାର୍ଥ ଉତ୍ତର ଭଗବାନ୍ ଦେଇ ପାରନ୍ତି । ଭଗବାନ୍ କୌଣସି ବିଧାନରେ ଆବଦ୍ଧ ନ ଥା'ନ୍ତି । କାହାଠାରୁ ସେ ତା'ର ସହଯୋଗ ଚାହାନ୍ତି; କାହାର ସହଯୋଗ ବିନା ତା' ଉପରେ କୃପା କରନ୍ତି ।

ଅନ୍ୟ କେହି ପ୍ରତିକୂଳ ଅବସ୍ଥାରେ ପଡ଼ି ସାଧନାରେ ବାଧା ପାଇ ପାଇ ଦୁଃଖକଷ୍ଟ ଭୋଗି, ସେଥିରୁ ମୁକ୍ତ ହେବାକୁ ଇଚ୍ଛା କରି ଭଗବାନଙ୍କ ସାହାଯ୍ୟ ଚାହିଁଲେ ଭଗବାନ୍ ବିବେକ, ଜ୍ଞାନ, ଶକ୍ତି ପ୍ରଦାନ କରନ୍ତି । ତେବେ ସେ ସଚେତ ହୋଇ ଅହଂ-ସ୍ୱାର୍ଥ କ୍ରିୟାକୁ ବର୍ଜନ କରେ ।

ପ୍ରତ୍ୟେକ ଭକ୍ତ ସକାଶେ ଭଗବାନଙ୍କର ବିଧାନ ସ୍ୱତନ୍ତ୍ର ।

ପ୍ରଶ୍ନ : ବ୍ୟକ୍ତି ଆବଶ୍ୟକ ଜୀବିକାନିର୍ବାହ କାର୍ଯ୍ୟ କରି ଘରେ ଏକା ଏକା ସାଧନା କରିବା ନିରାପଦ । ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରସାର କାର୍ଯ୍ୟରେ ବିଶେଷତ୍ୱ କ'ଣ ଅଛି ଯେ ବ୍ୟକ୍ତି ନିଜ କାମନା-ବାସନା, ଅହଂ-ସ୍ୱାର୍ଥ ସହିତ ସଂଘର୍ଷ ତଥା ତା'ର ରୂପାନ୍ତର ଆଦି ମହାନ୍ କଠିନ କାର୍ଯ୍ୟ କାହିଁକି କରେ ?

ଉତ୍ତର : ଅହଂସ୍ୱାର୍ଥ ଦ୍ୱାରା ବ୍ୟକ୍ତି ଜନ୍ମ-ମରଣ ମହାନ୍ ଦୁଃଖ-ଯାତନା ଭୋଗୁ ଥାଏ; ସେଥିରୁ ମୁକ୍ତ ହେବା ସକାଶେ ସେ ସେସବୁକୁ ରୂପାନ୍ତର କରିବାଭଳି କଠିନ କାର୍ଯ୍ୟ ତାକୁ କରିବାକୁ ହୁଏ । ଅହଂ-ସ୍ୱାର୍ଥ ମହାନ୍ କୌଶଳୀ, ସେସବୁକୁ ଚିହ୍ନିବା ବହୁତ କଠିନ, କିନ୍ତୁ ସେସବୁ ସହଜରେ ଚିହ୍ନି ହୁଅନ୍ତି ମା'ଙ୍କର ଏହି ଆଦର୍ଶ-ପ୍ରସାର କାର୍ଯ୍ୟରେ । ସେହି ସକାଶେ ଏହି କାର୍ଯ୍ୟର ବିଶେଷତ୍ୱ ବା ବିଶେଷ ମହତ୍ତ୍ୱ । ଏହା ଆମ୍ଭମାନଙ୍କ ସକାଶେ ଗୋଟିଏ ସୁବର୍ଣ୍ଣ ସୁଯୋଗ ।

ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାର କାର୍ଯ୍ୟର ଅନ୍ୟ ବିଶେଷତ୍ୱ ହେଲା — ବ୍ୟକ୍ତି ମା'ଙ୍କ କାର୍ଯ୍ୟ ଯେତେ କରିବାକୁ ଚାହେଁ, ତା' ମଧରେ ମା'ଙ୍କ ଶକ୍ତି, ଜ୍ୟୋତିଃ, ଜ୍ଞାନ, ବିବେକ ତେତେ ପ୍ରକାଶିତ ହୁଏ । ସେ ସେହି ଅନୁପାତରେ ଅଧ୍ୟାତ୍ମ-ମାର୍ଗରେ ତେତେ ଅଗ୍ରସର ହୋଇପାରେ ।

ଏହାଛଡ଼ା ବ୍ୟକ୍ତି ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରସାର କାର୍ଯ୍ୟ ଯେତେ ଆନ୍ତରିକତା ସହ କରେ ତା' ଅନ୍ତରରେ ଆବୃତ ଥିବା ଅନ୍ତରାତ୍ମା ତେତେ ପ୍ରକାଶିତ ହୁଏ; ତାହାରି ଦ୍ୱାରା ସେ ନିଜ ଅହଂ-ସ୍ୱାର୍ଥ, କାମନା-ବାସନାକୁ ଜାଣି, ଦେଖି, ଚିହ୍ନିବାର ସୁଯୋଗ ପାଏ ଏବଂ ସେସବୁକୁ ରୂପାନ୍ତର କରିବାର ଶକ୍ତି ବି ପାଏ । ଏହାଦ୍ୱାରା ସାଧନା ଅପେକ୍ଷାକୃତ ଅତ୍ୟନ୍ତ ଶୀଘ୍ର ବି ହୋଇପାରେ ।

ଅନ୍ୟ କାରଣ ହେଲା — ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଯୋଗ ବ୍ୟକ୍ତିଗତ ନୁହେଁ, ବିଶ୍ୱଗତ । ଯେତେ ଅଧିକ ବ୍ୟକ୍ତି ଏହି ଆଦର୍ଶକୁ ଗ୍ରହଣ କରିବେ ତେତେ ଶୀଘ୍ର ସଂସାରରୁ ଦୁଃଖ-ଦ୍ୱନ୍ଦ୍ୱ ଦୂର ହେବ ଏବଂ ସାମୂହିକ ସାଧନା ମଧ ଅଧିକ ଅଗ୍ରସର ହେବ ।

ତୁମର ଅନ୍ୟ ପ୍ରଶ୍ନ ହେଲା — ''ଏହିସବୁ ପ୍ରସାର କାର୍ଯ୍ୟ ନ କରି ଜୀବିକା ନିର୍ବାହ ସକାଶେ ଆବଶ୍ୟକ କାର୍ଯ୍ୟ କରି ଘରେ ଏକା ଏକା ସାଧନା କରିବାରେ ନିରାପତ୍ତା ଥାଏ ।'' କିନ୍ତୁ ଯଥାର୍ଥରେ ଏ ପ୍ରଣାଳୀ ନିରାପଦ ନୁହେଁ । ଏହାଦ୍ୱାରା ସାଧନାରେ ବହୁତ ବିଳମ୍ବ ଘଟେ ।

ଏଥିରେ ବି ବ୍ୟକ୍ତି ଅହଂ-ସ୍ୱାର୍ଥ, କାମନା-ବାସନାରୁ ମୁକ୍ତ ହୋଇପାରେ ନାହିଁ । ସେସବୁ ବ୍ୟକ୍ତି ସହିତ ଜଡ଼ିତ ଥାଆନ୍ତି । ଅହଂ-ସ୍ୱାର୍ଥକୁ ଭୟ କରି ବ୍ୟକ୍ତି ଲୋକ-ସଂପର୍କ କର୍ମ-ତଥା ଅଧିକାର, ଐଶ୍ୱର୍ଯ୍ୟ, ଭୋଗବିଳାସ ତ୍ୟାଗ କଲେ ଅହଂ-ସ୍ୱାର୍ଥ ଓ କାମନା-ବାସନା ଆଶ୍ରୟ ନିଅନ୍ତି ପିନ୍ଧିବା ଲୁଗା, ଶୋଇବା ସ୍ଥାନ ତଥା ବଞ୍ଚିଥିବା ଶରୀରରେ । ଏଥିରୁ ମୁକ୍ତ ହେବା ସକାଶେ ଅନ୍ୟ ମାର୍ଗ ନ ପାଇ ପୁରାତନ ଯୋଗୀମାନେ ଶରୀର ସମ୍ବନ୍ଧ ତ୍ୟାଗ କରି ସେଥିରୁ ପୃଥକ୍ ହୋଇ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରୁଥିଲେ । ଏ ଯୋଗରେ ଶରୀର ସମ୍ବନ୍ଧ ତ୍ୟାଗ କଲେ ଚଳେ ନାହିଁ । ଏହା ପଳାୟନ ମାର୍ଗ ନୁହେଁ । ଏହି ଶରୀରକୁ ରୂପାନ୍ତର କରିବାକୁ ହୁଏ ଏବଂ ଏଥିରେ ଭଗବାନଙ୍କୁ ଅଭିବ୍ୟକ୍ତ କରିବାକୁ ହୁଏ ।

ଏହି ଯୋଗର ମୂଳନୀତି ସମଗ୍ର ସତ୍ତା ରୂପାନ୍ତର ହୋଇଥିବାରୁ ଅହଂ-ସ୍ୱାର୍ଥ, ବାସନା-କାମନା ରୂପାନ୍ତର ଛଡ଼ା ଯୋଗ-ସିଦ୍ଧି ହୋଇପାରେ ନାହିଁ । ବ୍ୟକ୍ତି ଏହି ରୂପାନ୍ତର ଯୋଗକୁ ଲକ୍ଷ୍ୟରୂପେ ଗ୍ରହଣ କରି ବାସନା-କାମନା, ଅହଂ-ସ୍ୱାର୍ଥ ପ୍ରକାଶ ହେବାର ସୁଯୋଗକୁ ଯଦି ପ୍ରତ୍ୟାଖ୍ୟାନ କରେ, ତେବେ ସେହି ସୁଯୋଗ ଅନ୍ୟ ବ୍ୟକ୍ତି ଦ୍ୱାରା, ଅନ୍ୟ ଘଟଣା, ଅନ୍ୟ କର୍ମ ମାଧମରେ ଆସିବାରେ ବହୁତ ବିଳମ୍ବ ହୁଏ । ବ୍ୟକ୍ତିକୁ ଦିନେ ନା ଦିନେ ଏହି ରୂପାନ୍ତରର ସମ୍ମୁଖୀନ ହେବାକୁ ପଡ଼େ । ସାଧନାର ପ୍ରାରମ୍ଭିକ ଅବସ୍ଥାରେ ତା'ର ଉତ୍ସାହ, ବୈରାଗ୍ୟ, ଅଭୀପ୍ସା ତୀବ୍ର ଥାଏ । ସେ ସମୟରେ ସାଧକ ଏହି ରୂପାନ୍ତରର ସମ୍ମୁଖୀନ ନ ହେଲେ ପରେ ଶାରୀରିକ, ମାନସିକ, ପ୍ରାଣିକ ଶକ୍ତି ହ୍ରାସ ହୋଇଥାଏ । ଏଥିରେ ଭାଗବତୀ ଶକ୍ତି କ୍ରିୟା କରିବାରେ ସୁବିଧା ପାଏ ନାହିଁ । ଏହି ରୂପାନ୍ତର କାର୍ଯ୍ୟ ପୂର୍ବାପେକ୍ଷା ଅଧିକ କଷ୍ଟସାଧ୍ୟ ହୁଏ ।

ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଭିନ୍ନ । ତା'ର ନିଜ ସ୍ୱଭାବ ଅନୁସାରେ ନିଜ ଅନ୍ତରାତ୍ମା କର୍ମପନ୍ଥା ନିର୍ଦ୍ଧାରଣ କରିଥାଏ । ବ୍ୟକ୍ତି ସେହି କାର୍ଯ୍ୟରେ ସ୍ୱତଃସ୍ଫୂର୍ତ୍ତଭାବେ ପ୍ରବୃତ୍ତ ହୁଏ । ବ୍ୟକ୍ତି ମୋହବଶତଃ ନିଜକୁ ପଣ୍ଡିତ ବୋଲି ମନେକରି ଅର୍ଜୁନଙ୍କ ସଦୃଶ ଯୁଦ୍ଧ ନ କରିବାକୁ ଯୁକ୍ତି ଦେଲେ ତାହା ସଫଳ ହୁଏ ନାହିଁ । ଆନ୍ତରିକ ପ୍ରେରଣା ବିବଶ କରେ । ବ୍ୟକ୍ତି ଯଦି ଅଧିକ ମୋହବଶ ହୋଇ ଆନ୍ତର ପ୍ରେରଣା ବିରୋଧରେ ଅନ୍ୟ ପନ୍ଥା ଗ୍ରହଣ କରେ, ତେବେ ନିଜ ସାଧନାରେ ବହୁତ ବ୍ୟାଘାତ ଘଟାଏ । ଏହିସବୁ ଦୃଷ୍ଟିରୁ ନିଜ ଆନ୍ତରିକ ପ୍ରବୃତ୍ତି ଅନୁସାରେ ମା'ଙ୍କ କାର୍ଯ୍ୟ କରିବାରେ ଯାହାକୁ ଯେଉଁ ସୁଯୋଗ ମିଳୁଛି, ତାକୁ ସେହି ସୁଯୋଗର ଉପଯୋଗ କରିବା ଉଚିତ ।

## (୩)

## ଅହଂ-ସ୍ୱାର୍ଥରୁ ମୁକ୍ତ କର୍ମ-ପ୍ରଣାଳୀ

ପ୍ରଶ୍ନ : କର୍ମରେ ଅହଂ-ସ୍ୱାର୍ଥକୁ ଚିହ୍ନିବା ପରେ ସେଥିରେ ପ୍ରଭାବିତ ନ ହେବା ତଥା ସେଥିରୁ ମୁକ୍ତ ହେବାର ଉପାୟ କ'ଣ ?

ଉତ୍ତର : ତାହାର ଉପାୟ ହେଲା — ଜୀବନର ଲକ୍ଷ୍ୟ ଗ୍ରହଣ କରିବା ଏବଂ ସେ ସମ୍ବନ୍ଧେ ସତତ ସଚେତ ହେବା ।

ବ୍ୟକ୍ତି ଜୀବନର ଯଥାର୍ଥ ଲକ୍ଷ୍ୟ ମନ-ପ୍ରାଣ-ଶରୀର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର — ଏହି ମହାନ୍ ଲକ୍ଷ୍ୟ ଗ୍ରହଣ କରିବା ପରେ ସେ ଅହଂ-ସ୍ୱାର୍ଥର ପ୍ରଭାବରେ ସ୍ଥାୟୀଭାବେ ପ୍ରଭାବିତ ହୁଏ ନାହିଁ କିଂବା ତାହା କ୍ରିୟାରେ ପ୍ରୟୋଗ କରିବାକୁ ପ୍ରଯତ୍ନ କରେ ନାହିଁ । ବ୍ୟକ୍ତି ସାଧନାର ଏକେବାରେ ଆରମ୍ଭ ଅବସ୍ଥାରୁ ଏହା କରିପାରେ ।

ପ୍ରଶ୍ନ : ଅହଂ-ସ୍ୱାର୍ଥ ପ୍ରଭାବରେ ପ୍ରଭାବିତ ନ ହେବାର ଉପାୟ ହେଲା, ''ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରିବା ।'' ବ୍ୟକ୍ତି ଜୀବନର ଲକ୍ଷ୍ୟ ଗ୍ରହଣ ନ କରିଥିଲେ ଅହଂ-ସ୍ୱାର୍ଥରୁ ମୁକ୍ତ ହେବା ପ୍ରଶ୍ନ କାହିଁକି ଉଠନ୍ତା ?

ଉତ୍ତର : ବ୍ୟକ୍ତି ଯଥାର୍ଥରେ ଜୀବନର ଲକ୍ଷ୍ୟ ଗ୍ରହଣ କରି ନ ଥାଏ, କେବଳ ବୁଦ୍ଧିରେ ମାନି ନେଇଥାଏ । ଯେପରି ପ୍ରତ୍ୟେକ ବ୍ୟକ୍ତି ନିଜର ମୃତ୍ୟୁ ସମ୍ବନ୍ଧେ ଜାଣନ୍ତି, ତଥାପି ଜୀବନ ଚିରସ୍ଥାୟୀ ରହିବା ସଦୃଶ କର୍ମ କରନ୍ତି । ଯେଉଁମାନେ ମୃତ୍ୟୁ ବିଷୟରେ ଯଥାର୍ଥରେ ସଚେତ ହୁଅନ୍ତି ସେହିମାନେ ମୃତ୍ୟୁରୁ ମୁକ୍ତ ହେବାର ପ୍ରଯତ୍ନ କରନ୍ତି । ଠିକ୍ ସେହିପରି ବହୁତ ବ୍ୟକ୍ତି ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଜାଣି ସାଧନା ଆରମ୍ଭ କରନ୍ତି, କିନ୍ତୁ ଅଧିକାଂଶ ବ୍ୟକ୍ତି ସେ ସମ୍ବନ୍ଧେ ସଚେତ ରହନ୍ତି ନାହିଁ ।

ପ୍ରଶ୍ନ : ତୁମ ଉତ୍ତରରୁ ସ୍ପଷ୍ଟ ହେଲା ଲକ୍ଷ୍ୟ ଯଥାର୍ଥରେ ଗ୍ରହଣ କରିବା ଅର୍ଥ ହେଉଛି ସେ ସମ୍ବନ୍ଧେ ସତତ ସଚେତନ ରହିବାକୁ ପ୍ରଯତ୍ନ କରିବା, ତଥା ଲକ୍ଷ୍ୟର ସମସ୍ତ ପ୍ରକାର ପ୍ରତିକୂଳ ବସ୍ତୁକୁ ତ୍ୟାଗ କରିବା ସକାଶେ ଦୃଢ଼ ସଂକଳ୍ପ ସହ କାର୍ଯ୍ୟରେ ପରିଣତ କରିବା । ଏହାର କ୍ରିୟାତ୍ମକ କର୍ମ କିପରି ?

ଉତ୍ତର : କ୍ରିୟାତ୍ମକ ଉପାୟ ହେଲା — ସବୁ ସମୟରେ ସଚେତ ହେବା ଏବଂ ମା' ଏହି ନାମ ଜପ କରିବା ଏବଂ ମନେ କରିବା, ''ମୁଁ ମା'ଙ୍କର, ମୋର ସମସ୍ତ କିଛି ମା'ଙ୍କର ଚରଣରେ ଅର୍ପଣ କରୁଛି । ମା'ଙ୍କ ଉପସ୍ଥିତି ସର୍ବଦା ମୋ ସହିତ ରହିଛି, ମା'ଙ୍କ ଶକ୍ତି ନିରନ୍ତର ମୋତେ ରକ୍ଷା କରୁଛି ।'' ଜୀବନର ସବୁଠାରୁ ଶ୍ରେଷ୍ଠ, ସବୁଠାରୁ ପ୍ରିୟ ହେବ ଲକ୍ଷ୍ୟପ୍ରାପ୍ତି ସକାଶେ ମା'ଙ୍କ କର୍ମ ବା ମା'ଙ୍କ ସେବା । ଏହାର ପ୍ରତିକୂଳ ସମସ୍ତ କର୍ମର ତ୍ୟାଗ । ମା'ଙ୍କ ସକାଶେ ମା'ଙ୍କ ସେବାଭାବରେ ପାଠଚକ୍ର ପ୍ରତିଷ୍ଠା ଏବଂ ପାଠଚକ୍ର ଗୃହ-ନିର୍ମାଣ, ସ୍କୁଲ-କଲେଜ ପ୍ରତିଷ୍ଠା ତଥା ପରିଚାଳନା, ପାଠଚକ୍ର-ସମ୍ମିଳନୀ, ଯୁବସମାଜ ସମ୍ମିଳନୀ, ଛାତ୍ର-ସମାଜ ସମ୍ମିଳନୀ, ମହିଳା ସମ୍ମିଳନୀ ଇତ୍ୟାଦି ସମସ୍ତ ପ୍ରକାର ସଂଗଠନ କାର୍ଯ୍ୟରେ ନିଜ ଅହଂ-ସ୍ୱାର୍ଥ, ଅଧିକାର, ନାମ-ଯଶଃକୁ ଏକେବାରେ ସ୍ଥାନ ନ ଦେବା । ପରିବାର ସକାଶେ କରୁଥିବା କର୍ମରେ ବି ମା'ଙ୍କ ସେବାଭାବ ରଖି ମା'ଙ୍କୁ ସମର୍ପଣ କରିବା ହେଲା କ୍ରିୟାତ୍ମକ କର୍ମ ।

ପ୍ରଶ୍ନ : ଜୀବନର ଲକ୍ଷ୍ୟ ଗ୍ରହଣ କରିବା ପରେ ସେ ସମ୍ବନ୍ଧେ ସଚେତ ରହିବାକୁ ସତତ ଯତ୍ନଶୀଳ ହେବା ସତ୍ତ୍ୱେ ସାଧନାର ଆରମ୍ଭିକ ଅବସ୍ଥାରେ ଚେତନା ରୂପାନ୍ତର ହେବା ପୂର୍ବରୁ ଏହିସବୁ ଲୋକ-ସଂପର୍କୀୟ କର୍ମରେ ନାମ-ଯଶଃ, ଅଧିକାର, ଆସକ୍ତି, ଲାଳସା, ବାସନା-କାମନା ସମୟ ସମୟରେ ଅନିବାର୍ଯ୍ୟ ରୂପେ ଆସେ । ବ୍ୟକ୍ତି ଏସବୁକୁ ସାଧନାର ପ୍ରତିକୂଳ ଜାଣି, ତ୍ୟାଗ କରିବାକୁ ଚେଷ୍ଟା କରିବା ସତ୍ତ୍ୱେ ସବୁ ସମୟରେ ତ୍ୟାଗ କରିପାରେ ନାହିଁ । ଏସବୁକୁ ତ୍ୟାଗ କରିବାର ସରଳ ଉପାୟ କ'ଣ ?

ଉତ୍ତର : ସରଳ ଉପାୟ ହେଲା – 'ମା' ଏହି ନାମଜପ କରିବା – ପ୍ରତିକୂଳ ଅବସ୍ଥାରେ ସାହାଯ୍ୟ ସକାଶେ ମା'ଙ୍କୁ ଡାକିବା ଏବଂ ନିଜ ଲକ୍ଷ୍ୟକୁ ସାମନାରେ ରଖିବା; ନାମ-ଯଶଃ, ଅଧିକାର ଲୋଭର ପ୍ରେରଣାକୁ ପ୍ରଥମରେ ସ୍ଥୂଳରୂପେ କ୍ରିୟା କରିବାକୁ ଦେବା ନାହିଁ; ଦ୍ୱିତୀୟରେ ଲକ୍ଷ୍ୟପ୍ରାପ୍ତିର ମହାନତା ମନ-ପ୍ରାଣକୁ ବୁଝାଇ ଦେବା । କହିବା, ''ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ହେବେ ଭଗବାନ୍ ଅଭିବ୍ୟକ୍ତ । ଅର୍ଥାତ୍ ମନ-ପ୍ରାଣ ତଥା ଶରୀରର ଅଣୁପରମାଣୁ, ସମସ୍ତ ଜଡ଼କୋଷ ଅତିମାନସ ଶକ୍ତି ପ୍ରଭାବରେ ଜାଗ୍ରତ୍ ହେବେ ଏବଂ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହେବେ । ହେବେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ପୂର୍ଣ୍ଣ ମୁକ୍ତ । ପୂର୍ଣ୍ଣରୂପେ ଏକତ୍ୱ ପ୍ରାପ୍ତ ହେବେ ଭଗବାନଙ୍କ ସହିତ । ଭଗବତ୍ ଦିବ୍ୟ ଆନନ୍ଦ, ଦିବ୍ୟ ଶାନ୍ତି, ଦିବ୍ୟ ଜ୍ଞାନ ପ୍ରବାହିତ ହେବ ସେସବୁର ମଧ୍ୟରେ । ଭଗବତ୍ ଶକ୍ତି, ଭଗବତ୍ ଐଶ୍ୱର୍ଯ୍ୟ ପ୍ରକାଶ ହେବ ସେହିସବୁରେ । ଏହି ଦିବ୍ୟ ଐଶ୍ୱର୍ଯ୍ୟ ତୁଳନାରେ ଇନ୍ଦ୍ର, ଚନ୍ଦ୍ର, ବରୁଣ, କୁବେର, ଦିଗପାଳାଦିଙ୍କ ଐଶ୍ୱର୍ଯ୍ୟ ଏକେବାରେ ତୁଚ୍ଛ; ସୂର୍ଯ୍ୟ ସମ୍ମୁଖରେ ତାରକା ସଦୃଶ । ତୁ ଯେଉଁ ଘୃଣ୍ୟ, ତୁଚ୍ଛ, ନିନ୍ଦନୀୟ ନାମ-ଯଶଃ ଚାହୁଁଛୁ ସେହି ମହାନ୍ ଐଶ୍ୱର୍ଯ୍ୟ ସାମନାରେ ଏହିସବୁ ଘୋର ନରକ, ବିଷଲଡ୍ଡୁ ସଦୃଶ ଆତ୍ମଘାତୀ ଏବଂ ଭୟଙ୍କର ବାଧକ ।'' ଏହିପରି ବୁଝାଇ ଦେଲେ ମନ-ପ୍ରାଣ ମାନି ନେବେ ଏବଂ କ୍ରମଶଃ ସ୍ୱାର୍ଥ ଅହଂ, ବାସନା-କାମନା ତ୍ୟାଗ କରିବାକୁ ଅଭ୍ୟସ୍ତ ହେବେ । ଏହିପରି ବାରଂବାର କରିବା ଦ୍ୱାରା ମନ-ପ୍ରାଣରେ ମା'ଙ୍କ ଜ୍ୟୋତିଃ ପ୍ରକାଶ ହେବ, ସେସବୁ ଭଗବତ୍ ଐଶ୍ୱର୍ଯ୍ୟପ୍ରାପ୍ତି ତଥା ରୂପାନ୍ତର ହେବାକୁ ଚାହିଁବେ ଏବଂ କାମନା-ବାସନାରୁ ମୁକ୍ତ ହେବେ ।

## ବିବାଦ ତ୍ୟାଗ

ପ୍ରଶ୍ନ : ଆମ୍ଭେମାନେ ଲକ୍ଷ୍ୟପ୍ରାପ୍ତିର ଉପାୟ ମା'ଙ୍କ କାର୍ଯ୍ୟକୁ ଜୀବନରେ ସର୍ବଶ୍ରେଷ୍ଠ ବୋଲି ଗ୍ରହଣ କରିଛୁ ଏବଂ ନିଜ ଅହଂ-ସ୍ୱାର୍ଥକୁ ଚିହ୍ନି ପାରିଛୁ, ଏହାର ଲକ୍ଷଣ କ'ଣ ?

ଉତ୍ତର : ମା'ଙ୍କ କାର୍ଯ୍ୟ ସମ୍ବନ୍ଧରେ ନିଜ ଅଧିକାର, ନାମ, ଯଶଃ ତଥା ସ୍ୱାର୍ଥ-ଅହଂରେ ବାଧା ପଡ଼ିଲେ, ଏହାକୁ ବରଦାସ୍ତ କରିଯିବା କିନ୍ତୁ ମା'ଙ୍କ କାର୍ଯ୍ୟରେ କୌଣସି ପ୍ରକାର ବ୍ୟାହତ ହେବାକୁ ନ ଦେବା ହେଲା ଜୀବନର ଲକ୍ଷ୍ୟପ୍ରାପ୍ତିର ଉପାୟ ରୂପେ ମା'ଙ୍କ କାର୍ଯ୍ୟକୁ ସର୍ବଶ୍ରେଷ୍ଠରୂପେ ଗ୍ରହଣ କରିଥିବାର ଲକ୍ଷଣ । ଏହି ପ୍ରତିକୂଳ ଅବସ୍ଥାରେ ନିଜ ମଧ୍ୟରେ ଉତ୍ପନ୍ନ ହୋଇଥିବା ଅଶାନ୍ତି, ଈର୍ଷ୍ୟା, ବିରୋଧଭାବର କାରଣ ଅନ୍ୟ ବ୍ୟକ୍ତିକୁ ନ ମାନି ନିଜ ସତ୍ତାର ତ୍ରୁଟି ବୋଲି ଜାଣିବା ହେଲା ନିଜ ଅହଂ-ସ୍ୱାର୍ଥକୁ ଚିହ୍ନିବା ।

ପ୍ରଶ୍ନ : ଏହାକୁ ଉଦାହରଣ ଦେଇ ବୁଝାଇ ଦିଅ ।

ଉତ୍ତର : ଯେପରି ତୁମେ ଗୋଟିଏ ସ୍ଥାନରେ ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ, ବ୍ୟାୟାମଶାଳା, ସ୍କୁଲ ଆଶ୍ରମ ଆଦର୍ଶରେ ପ୍ରତିଷ୍ଠା କରି ପରିଚାଳନା କରୁଅଛ ଏବଂ ସେଠାରେ ଆଶ୍ରମ ସଦୃଶ ସାଧକମାନେ ରହି

ସାଧନା କରନ୍ତି । ବହି, ଫଟୋ, ଧୂପବତି, ଗଞ୍ଜି ଆଦି ବିକ୍ରି ହୁଏ । ମା'ଙ୍କର ଅନ୍ୟ ଭକ୍ତମାନେ ତୁମ ନିକଟବର୍ତ୍ତୀ ସ୍ଥାନରେ ଠିକ୍ ତୁମରି ସଂସ୍ଥା ସଦୃଶ ଅନ୍ୟ ସଂସ୍ଥା ପ୍ରତିଷ୍ଠା କରି ପରିଚାଳନା କରନ୍ତି । ଅଥବା ଯେ କୌଣସି କାର୍ଯ୍ୟ ଆଶ୍ରମ ଆଦର୍ଶରେ ସଂସାରରେ ଅତିମାନସ ସତ୍ୟର ପ୍ରସାର ଉଦ୍ଦେଶ୍ୟରେ କରନ୍ତି । ସେହି ସମସ୍ତ କାର୍ଯ୍ୟ ମା'ଙ୍କ କାର୍ଯ୍ୟ, ମା'ଙ୍କ ସେବା, ନିଜ ଜୀବନରେ ଲକ୍ଷ୍ୟପ୍ରାପ୍ତିର ସହାୟକ ଜାଣି ସେଥିରେ ଆନ୍ତରିକ, ମାନସିକ, ତଥା ସ୍ଥୂଳ କର୍ମରେ ସାହାଯ୍ୟ ଦେବା, ସମର୍ଥନ କରିବା ହେଲା ଯଥାର୍ଥରେ ମା'ଙ୍କ କାର୍ଯ୍ୟକୁ ଜୀବନରେ ସର୍ବଶ୍ରେଷ୍ଠ ସ୍ଥାନ ଦେବା ଏବଂ ନିଜ ଅହଂ-ସ୍ୱାର୍ଥକୁ ଠିକ୍ ଠିକ୍ ଚିହ୍ନିବା ।

କିନ୍ତୁ ସାଧନାର ପ୍ରାରମ୍ଭିକ ଅବସ୍ଥାରେ ମା'ଙ୍କର ପଡ଼ୋଶୀ ଅନୁଷ୍ଠାନକୁ ସମର୍ଥନ କରିବା, ସେଥିରେ ସହଯୋଗ ଦେବା, ତା'ର ଉନ୍ନତି ସକାଶେ ପ୍ରଯତ୍ନ ବା ସଦ୍‌ଭାବନା ରଖିବା କଠିନ ହୋଇପଡ଼େ । ଏହି ଅବସ୍ଥାରେ ନିଜର କାମନା-ବାସନା, ଅହଂ-ସ୍ୱାର୍ଥ ନିଜ ଅନ୍ତରରେ ପ୍ରେରଣା ଦିଅନ୍ତି, ''ଅମୁକ ବ୍ୟକ୍ତି ବା ଅନୁଷ୍ଠାନ ମୋ ପ୍ରତିଷ୍ଠା, ସମ୍ମାନ ବରଦାସ୍ତ ନ କରିପାରି ନିଜ ପ୍ରତିଷ୍ଠା ତଥା ସମ୍ମାନ ସକାଶେ ଏହି ଅନୁଷ୍ଠାନ ପ୍ରତିଷ୍ଠା କରିଛି ।'' ଏହି ଧାରଣାରେ ପ୍ରକାଶ୍ୟରେ ବା ଅପ୍ରକାଶ୍ୟରେ ସେହି ଅନୁଷ୍ଠାନ ବା ବ୍ୟକ୍ତି ସହିତ ବିରୋଧ କରିବା ତଥା ଅସହଯୋଗ କରିବା ହେଲା ନିଜ ଅହଂ-ସ୍ୱାର୍ଥକୁ ନ ଚିହ୍ନି ନିଜ ବିରୋଧୀ ଗୁଣରେ ପରିଚାଳିତ ହେବା । ଯଦି ଆମ୍ଭେମାନେ ନିଜ ଅହଂ-ସ୍ୱାର୍ଥକୁ ଚିହ୍ନିଥାଉ, ତେବେ ତତ୍‌କ୍ଷଣାତ୍ ଧାରଣା କରିବା, ମା'ଙ୍କର ଅନ୍ୟ ଅନୁଷ୍ଠାନ ସହିତ ସହଯୋଗ ନ କରି ବିରୋଧ ଭାବ ରଖିବା ହେଲା ନିଜର ଅହଂ-ସ୍ୱାର୍ଥ ଏବଂ ମା'ଙ୍କ କାର୍ଯ୍ୟରେ ବାଧା । ତେବେ ମାନସିକ ଏହି ପ୍ରତିକୂଳ ବୃତ୍ତିକୁ ପ୍ରଥମରେ କ୍ରିୟାରେ ପରିଣତ କରିବା ନାହିଁ ଏବଂ ମା'ଙ୍କୁ ସମର୍ପଣ କରି ମନରୁ ଦୂର କରିଦେବାକୁ ସଂକଳ୍ପ କରିବା ତଥା ସେହି ଅନୁଷ୍ଠାନ ସହିତ ସମ୍ପୂର୍ଣ୍ଣରୂପେ ସହଯୋଗ କରିବା ।

ପ୍ରଶ୍ନ : ସେ ବ୍ୟକ୍ତି ଯଦି ସାହାଯ୍ୟ ସହାନୁଭୂତି ଆମ୍ଭଠାରୁ ନ ଚାହେଁ, ଆମ୍ଭଙ୍କୁ ନ ଡାକେ, ତେବେ କ'ଣ କରିବା ଉଚିତ ?

ଉତ୍ତର : ମାନସିକ ସହଯୋଗ କରିବା ଅର୍ଥାତ୍ ସେ ଅନୁଷ୍ଠାନ ପ୍ରତି ସଦ୍‌ଭାବନା ରଖିବା । ଯଦି ଆମ୍ଭେମାନେ ମା'ଙ୍କ କାର୍ଯ୍ୟକୁ ଜୀବନର ସର୍ବଶ୍ରେଷ୍ଠ କାର୍ଯ୍ୟ ବୋଲି ମାନିଥାଉ, ତେବେ ଅନ୍ୟ ବ୍ୟକ୍ତି ଆମ୍ଭଠାରୁ ସହଯୋଗ ନ ଚାହିଁବା ସତ୍ତ୍ୱେ ଆମ୍ଭେମାନେ ସେଥିରେ ସହଯୋଗ କରିବା । ଯଦି ଆମ୍ଭେମାନେ ଏହା ଆନ୍ତରିକ ସହ କରିପାରୁ, ତେବେ ଏହାର ଅତ୍ୟନ୍ତ ଉତ୍ତମ ପ୍ରଭାବ ପଡ଼େ ସେ ବ୍ୟକ୍ତି ଉପରେ, ସେ ବ୍ୟକ୍ତିର ଥିବା ଦ୍ୱେଷଭାବ ଦୂର ହୁଏ । ଏହି ବ୍ୟବହାର ଦ୍ୱାରା ନିଜ ସାଧନାରେ ବିଶେଷ ଉନ୍ନତି ହୁଏ । କାରଣ ଏପରି ବ୍ୟାପାରରେ ନିଜ ଅହଂ-ସ୍ୱାର୍ଥ ଉପରେ କଠୋର ପ୍ରହାର ହୁଏ । ଯଥାର୍ଥରେ ଏହିମାନେ ଆମ ଅଧ୍ୟାତ୍ମ-ମାର୍ଗର ଶତ୍ରୁ ।

ପ୍ରଶ୍ନ : ଯଦି ପୁରାତନ ଅଧ୍ୟାତ୍ମ ସଂପ୍ରଦାୟ ଏବଂ ଧାର୍ମିକ ବ୍ୟକ୍ତିମାନେ ଆମ ଅନୁଷ୍ଠାନ ସହିତ ବିରୋଧ କରନ୍ତି ତେବେ ତାଙ୍କ ସହିତ ଆମ୍ଭମାନଙ୍କର କିପରି ବ୍ୟବହାର ହେବା ଉଚିତ ?

ଉତ୍ତର : ଜଣେ ମିତ୍ର ପ୍ରତି ମିତ୍ରର ବ୍ୟବହାର ସଦୃଶ । ଯେପରି ସୂର୍ଯ୍ୟ ତଥା ବୃକ୍ଷ ନିଜର ଅପରାଧ କରିବା ବ୍ୟକ୍ତି ପ୍ରତି ଶତ୍ରୁଭାବ ନ ରଖି ସମଭାବରେ ତା'ର ହିତ କରନ୍ତି ସେହିପରି ଅଥବା ତାହାଠାରୁ ବହୁତ ଅଧିକ ପରିମାଣରେ ହେଉଛି ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗ । ଶ୍ରୀଅରବିନ୍ଦଙ୍କ ଯୋଗର ଅତିମାନସ ଶକ୍ତିର ସ୍ୱଧର୍ମ ହେଉଛି ଜଗତର ସମସ୍ତ ପ୍ରାଣୀଙ୍କୁ ଜୀବନର ପୂର୍ଣ୍ଣତାରେ ସାହାଯ୍ୟ କରିବା । ତାହାଦ୍ୱାରା କୌଣସି ବ୍ୟକ୍ତି, କୌଣସି ଧର୍ମାବଲମ୍ବୀ, କୌଣସି ସମ୍ପ୍ରଦାୟର ବ୍ୟକ୍ତିର କୌଣସି କ୍ଷତି ହେବାର କୌଣସି ପ୍ରକାର ଆଶଙ୍କାର ସ୍ଥାନ ନାହିଁ ।

ବ୍ୟକ୍ତି ଏହା ବୁଝି ନ ପାରି ପୂର୍ବ ଯୋଗମାନଙ୍କ ସିଦ୍ଧାନ୍ତରେ ପରସ୍ପର ଅସାମଞ୍ଜସ୍ୟ ରହିଥିବା ପରମ୍ପରା, ସଂସ୍କାର, ଧାରଣା ଅନୁସାରେ ଶ୍ରୀଅରବିନ୍ଦ-ଯୋଗ ସହିତ ବିରୋଧ ଭାବ ଯଦି ରଖନ୍ତି, ତେବେ ପ୍ରଥମରେ ସେମାନଙ୍କ ସହିତ ସଦ୍‌ଭାବ ରଖି ସେମାନଙ୍କୁ ବୁଝାଇ ଦେବାକୁ ଚେଷ୍ଟା କରିବା । ଯଦି ସେମାନେ ନ ବୁଝନ୍ତି ତେବେ ସେମାନଙ୍କ ବିରୋଧର ପ୍ରତିକ୍ରିୟାରେ ଆମ୍ଭେମାନେ ସମତା ରଖି ନିଜ କାର୍ଯ୍ୟ କରି ଚାଲିବା । ଏହିପରି ବ୍ୟବହାର ଦ୍ୱାରା ସେମାନେ ବର୍ତ୍ତମାନ ନ ହେଲେ ପରେ ନିଜ ତ୍ରୁଟି ବୁଝିପାରି ସଂଶୋଧନ କରି ପାରିବେ । ସୁତରାଂ କୌଣସି ପରିସ୍ଥିତିରେ ବିରୋଧ ବା ଝଗଡ଼ା କରିବା ଆଦୌ ଉଚିତ ନୁହେଁ ।

ପ୍ରଶ୍ନ : ଯଦି କେହି ପୁରାତନ ସାଂପ୍ରଦାୟିକ ମନୋଭାବାପନ୍ନ ବ୍ୟକ୍ତି ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଯୋଗ ଓ ସିଦ୍ଧାନ୍ତକୁ ବୁଝି ବା ନ ବୁଝି ତା'ର ବିକୃତ ବ୍ୟାଖ୍ୟା କରେ ଏବଂ ଲୋକଙ୍କୁ ଭୁଲ୍ ବୁଝାଏ, ପତ୍ରପତ୍ରିକାରେ ଲେଖେ, ସେଥିରେ ସାଧାରଣ ବ୍ୟକ୍ତି ଭ୍ରମରେ ପଡ଼ି ପାରନ୍ତି, ସେପରି ସ୍ଥଳେ କ'ଣ କରିବା ଉଚିତ ?

ଉତ୍ତର : ଏହାର ପ୍ରତିବାଦ ସ୍ୱରୂପ ବ୍ୟକ୍ତି ବା ବ୍ୟକ୍ତି ଆଚରିତ ସିଦ୍ଧାନ୍ତକୁ ନିନ୍ଦା ବା ଆଲୋଚନା କରିବା ନାହିଁ । କେବଳ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଲୋକଙ୍କୁ ବୁଝାଇଦେବା ଅଥବା ଲେଖିପାରିବା, କିନ୍ତୁ ବିରୋଧ ବା ଝଗଡ଼ା କରିବା ନାହିଁ ।

ପ୍ରଶ୍ନ : ମା'ଙ୍କ ଭକ୍ତ, ଆମ୍ଭମାନଙ୍କ ସାଥୀର କୌଣସି ବ୍ୟକ୍ତି ଯଦି ଅର୍ଥ, ନାମ, ଯଶଃ, ପ୍ରତିଷ୍ଠା ଲୋଭରେ ମା'ଙ୍କ ସେବା ନାମରେ ପାଠଚକ୍ର କିଂବା ପାଠଚକ୍ର-ସମ୍ମିଳନୀ ଅଥବା ଅନ୍ୟାନ୍ୟ କାର୍ଯ୍ୟ କରନ୍ତି, ତାହାଦ୍ୱାରା ଅନ୍ୟ ବ୍ୟକ୍ତିଙ୍କ ଉପରେ ଖରାପ ପ୍ରଭାବ ପଡ଼ିପାରେ । ଏହି କାର୍ଯ୍ୟ ଏକପ୍ରକାର ମା'ଙ୍କ ସତ୍ୟ-ପ୍ରସାର ବା ପ୍ରତିଷ୍ଠା କାର୍ଯ୍ୟରେ ବାଧା ଦିଏ; ଏହି କାର୍ଯ୍ୟରେ ବିରୋଧ କରିବା କ'ଣ ଉଚିତ ନୁହେଁ ?

ଉତ୍ତର : ଏକେବାରେ ଉଚିତ ନୁହେଁ । ସାହାଯ୍ୟ କରିବା ଉଚିତ । କୌଣସି କାରଣରୁ ଯଦି ସାହାଯ୍ୟ ନ କରି ପାରିବା, ତେବେ ଆନ୍ତର ଓ ବାହ୍ୟ କ୍ରିୟାରେ କୌଣସି ପ୍ରକାର ବିରୋଧ ଭାବ ରଖିବା ନାହିଁ କିଂବା ନିନ୍ଦା କରିବା ନାହିଁ ଅଥବା ସେ କାର୍ଯ୍ୟର ଆଲୋଚନା କରିବା ନାହିଁ । ଅନ୍ୟର ନିନ୍ଦା ବିଶେଷତଃ କୌଣସି ସାଧକର ନିନ୍ଦା ସାଧନାରେ ଗୁରୁତର ଓ କଠିନ ଅନ୍ତରାୟ । ସମାଲୋଚନା ବା ନିନ୍ଦା କରିବା ସଙ୍ଗେ ସଙ୍ଗେ ନିଜ ଆନ୍ତର ଜ୍ୟୋତିଃ ଆବୃତ ହୋଇଯାଏ, ଉତ୍ପନ୍ନ ହୁଏ ଈର୍ଷ୍ୟା-ବିରୋଧ, ଦ୍ୱେଷ, ଘୃଣା । ସେ ସ୍ଥାନର ବାତାବରଣ ଦୂଷିତ ହୋଇଯାଏ, ଶୁଣିବା ବ୍ୟକ୍ତି ଏବଂ ସେଠାରେ ଥିବା ବ୍ୟକ୍ତିଙ୍କ ଉପରେ ବହୁତ ଖରାପ ପ୍ରଭାବ ପଡ଼େ । ଏହାକୁ ଶ୍ରୀଅରବିନ୍ଦ ଏବଂ ମା' ତୀବ୍ରଭାବେ କଠୋର ଶବ୍ଦରେ ନିଷେଧ କରିଛନ୍ତି ।

ବାହ୍ୟ କର୍ମରୁ ବ୍ୟକ୍ତିର ଯଥାର୍ଥ ଉଦ୍ଦେଶ୍ୟ ବୁଝିବା ଆମ୍ଭମାନଙ୍କ ପକ୍ଷେ ସହଜ ନୁହେଁ । ଯଦି ବ୍ୟକ୍ତିର ସ୍ୱାର୍ଥ ଉଦ୍ଦେଶ୍ୟ ବୁଝିପାରିବା ତଥାପି ବିରୋଧ କରିବା ଉଚିତ ହେବ ନାହିଁ । କାରଣ ସେ ଯଦି କୌଣସି ପ୍ରକାରେ ମା'ଙ୍କ ଆଶ୍ରୟ ନେଇ ଥାଆନ୍ତି, ମା'ଙ୍କ ଶକ୍ତି ଶୀଘ୍ର ବା ବିଳମ୍ବରେ ତାଙ୍କୁ ଯଥାର୍ଥ ମାର୍ଗକୁ ଘେନି ଆସିବ । ସେ ଯଦି ମା'ଙ୍କ ଶକ୍ତିକୁ ପୂର୍ଣ୍ଣରୂପେ ଅସ୍ୱୀକାର କରି C. I. D. ସାଧୁବେଶ ଧାରଣ କରିବା ସଦୃଶ ନିଜ ବାସନା-କାମନାକୁ ପୂର୍ଣ୍ଣ କରିବାକୁ ଚାହିଁବ, ତେବେ ସେ ସ୍ୱୟଂ ତା'ର କୁପରିଣାମ ଭୋଗିବ । ସେ ବ୍ୟକ୍ତିର ଦୋଷକୁ ଦୂର କରିବାର ଶକ୍ତି ଯଦି ଆମର ନାହିଁ, ତା' କାର୍ଯ୍ୟରେ ବିରୋଧ କରିବା ବି ଉଚିତ ନୁହେଁ । ଆମ୍ଭେ ବିରୋଧ କରି ନିଜ ଚେତନାକୁ କାହିଁକି ଦୂଷିତ କରିବା ? କୌଣସି ପ୍ରକାର ଦୋଷଯୁକ୍ତ ବ୍ୟକ୍ତି ଯଦି ମା'ଙ୍କ ଆଶ୍ରୟ ଚାହେଁ, ମା' ତାକୁ ଆଶ୍ରୟ ଦେବାକୁ ବାହୁ ପ୍ରସାର କରିଥାଆନ୍ତି । ମା' ତା'ର ଦୋଷ ଦେଖି ତାକୁ ତ୍ୟାଗ କରନ୍ତି ନାହିଁ । ସେ ଯଦି ମା'ଙ୍କ ଶକ୍ତିକୁ ଏକେବାରେ

ଗ୍ରହଣ ନ କରିବାକୁ ଚାହେଁ ତେବେ ନିଜେ ନିଜେ ମା'ଙ୍କୁ ଛାଡ଼ିଯାଏ । ବ୍ୟକ୍ତି ପୂର୍ଣ୍ଣରୂପେ ନିଜ ସ୍ୱାର୍ଥସିଦ୍ଧି ସକାଶେ ମା'ଙ୍କ ସେବା ବାହାନାରେ କାର୍ଯ୍ୟ କରୁଥିବା ଯଦି ସ୍ପଷ୍ଟଭାବେ ବୁଝାଯାଏ ଏବଂ ସେହି କାର୍ଯ୍ୟରେ ଆମ୍ଭମାନଙ୍କୁ ଯୋଗ ଦେବାରେ ମା'ଙ୍କ କାର୍ଯ୍ୟରେ ବାଧା ପଡ଼େ; ତେବେ ସେଥିରେ ସହଯୋଗ ଦେବା ନାହିଁ, କିନ୍ତୁ କୌଣସି ପରିସ୍ଥିତିରେ ବିରୋଧ କରିବା ଉଚିତ ନୁହେଁ ।

ପ୍ରଶ୍ନ : ଏପରି କାର୍ଯ୍ୟରେ ବିରୋଧ କରିବା ଉଚିତ ନୁହେଁ । କିନ୍ତୁ ଯେଉଁମାନେ ଆମର ସାଥୀ, ମା'ଙ୍କର ଗୋଟିଏ କାର୍ଯ୍ୟକୁ ଆମ୍ଭେମାନେ ଭିନ୍ନ ଭିନ୍ନ କ୍ଷେତ୍ରରେ କରୁଛୁ, ଆମ୍ଭମାନଙ୍କ ମଧ୍ୟରୁ ଯଦି କେହି ବ୍ୟକ୍ତି ଜ୍ଞାତ ବା ଅଜ୍ଞାତରେ ଯେଉଁ ପ୍ରଣାଳୀରେ କାର୍ଯ୍ୟ କରେ ସେଥିରେ ମା'ଙ୍କ କାର୍ଯ୍ୟରେ ବ୍ୟାଘାତ ଘଟେ, ଏଥିରେ ଆମ୍ଭର ବ୍ୟକ୍ତିଗତ ବିରୋଧ ନ ଥାଏ, କେବଳ ମା'ଙ୍କ କାର୍ଯ୍ୟକୁ ସୁରକ୍ଷିତ ରଖିବା ସକାଶେ ବିରୋଧ କରୁ । ଏହି ବିରୋଧ କରିବା କ'ଣ ଉଚିତ ନୁହେଁ ?

ଉତ୍ତର : ନା, ବିରୋଧ କରିବା ଏକେବାରେ ଉଚିତ ନୁହେଁ । ଏହାଦ୍ୱାରା ନିଜ ସାଧନା ତଥା ମା'ଙ୍କ କାର୍ଯ୍ୟ ଅଧିକ ମାତ୍ରାରେ ବାଧା ପ୍ରାପ୍ତ ହୁଏ । ତୁମେ ବିରୋଧ କଲେ ତା'ର ଉତ୍ତର ବା ପ୍ରତିକ୍ରିୟାରୂପେ ସେ ତୁମ ସହିତ ବିରୋଧ କରିବ । ଏହି ବିରୋଧ ହେଉଛି ଅନ୍ଧକାର ଶକ୍ତିର କ୍ରିୟା । ଏଥିରୁ ଜାତ ହୁଏ ଈର୍ଷା, ହିଂସା । ଏହାରି ଦ୍ୱାରା ଆମ୍ଭ ଅନ୍ତରରେ ଥିବା ଜ୍ଞାନ-ବିବେକ ତଥା ଅନ୍ତରାତ୍ମା ଆବୃତ ହୋଇଯାଏ । ଆମ୍ଭମାନଙ୍କ ଅନ୍ତର ଏବଂ ବାହାରରେ ଅନ୍ଧକାର ଶକ୍ତିକୁ ମୁକ୍ତ ରୂପେ କ୍ରିୟା କରିବାର ସୁଯୋଗ ମିଳେ । ସେ ଆମ୍ଭଙ୍କୁ ସାଧନା-ମାର୍ଗରୁ ଟାଣି ନେବା ସଙ୍ଗେ ସଙ୍ଗେ ମା'ଙ୍କ କାର୍ଯ୍ୟରେ ମହାନ୍ ବାଧା ସୃଷ୍ଟି କରେ । ଅଧ୍ୟାତ୍ମ ସଂସ୍ଥାରେ ସତ୍ୟାନ୍ୱେଷୀ ଅଧ୍ୟାତ୍ମ ସାଧକମାନଙ୍କ ମଧ୍ୟରେ ବିବାଦ ହେଲେ ସେ ସଂସ୍ଥା ପ୍ରଗତିଶୀଳ ହୁଏ ନାହିଁ, ବରଂ ସମୂଳେ ନଷ୍ଟ ହୁଏ । ଅଥବା ସେହି ସଂସ୍ଥା ପଶ୍ଚାତ୍‌ରେ ପ୍ରବଳ ସତ୍ୟ ଥିଲେ ବିରୋଧ କରିବା ବ୍ୟକ୍ତି ସେହି ସତ୍ୟକୁ ସ୍ୱୀକାର କରି ନିଜକୁ ପରିବର୍ତ୍ତନ ନ କଲେ ସେ ସଂସ୍ଥାରୁ ନିଜେ ନିଜେ ସ୍ୱେଚ୍ଛାରେ ବାହାରି ଯିବାକୁ ହୁଏ । ଅଧ୍ୟାତ୍ମ ସଂସ୍ଥାରେ କୌଣସିମତେ ବିବାଦ ତିଷ୍ଠିପାରେ ନାହିଁ, ଏପରିକି ସାଂସାରିକ, ପାରିବାରିକ, ବ୍ୟବସାୟ, ରାଜନୀତି ଯେକୌଣସି କାର୍ଯ୍ୟରେ ନିଜ ମଧ୍ୟରେ ବିବାଦ ହେଲେ ସେ ସଂସ୍ଥା ଛିନ୍ନଭିନ୍ନ ହୋଇଯାଏ । ନ୍ୟାୟ ବା ଅନ୍ୟାୟରେ ଯେକୌଣସି ରୂପେ ନିଜ ମଧ୍ୟରେ ଅଶାନ୍ତି, ଅସାମଞ୍ଜସ୍ୟ, ଦ୍ୱେଷ, ଈର୍ଷ୍ୟା ଇତ୍ୟାଦି ଦେଖା ଦେଲେ ଏହିସବୁ ସାଧନାର ବା ମା'ଙ୍କ କାର୍ଯ୍ୟର ଘୋର ଶତ୍ରୁ ଜାଣି ତତ୍‌କ୍ଷଣାତ୍ ତ୍ୟାଗ କରିବା ଉଚିତ ।

ପ୍ରଶ୍ନ : ଅଧ୍ୟାତ୍ମ ସାଧକ କୌଣସି ଅବସ୍ଥାରେ ବିବାଦ କରିବା ଉଚିତ ନୁହେଁ, ଏହା ଠିକ୍ । କିନ୍ତୁ ଆମର ଜଣେ ସାଥୀ ଭୁଲ୍ କରୁଥିବ; ତାହାଦ୍ୱାରା ମା'ଙ୍କ କାର୍ଯ୍ୟରେ କ୍ଷତି ହେଉଥିବ ଏହି ଅବସ୍ଥାରେ ଆମ୍ଭମାନଙ୍କୁ କିଛି ନ କରି କେବଳ ଦେଖିବାକୁ ହେଉଥିବ ? ଏହା କ'ଣ ଉଚିତ ?

ଉତ୍ତର : ନାହିଁ, କେବଳ ନୀରବରେ ଦେଖିବାକୁ ହେବ ନାହିଁ, ତାକୁ ବୁଝାଇ ଦେବାକୁ ହେବ ।

ବ୍ୟକ୍ତିକୁ ବୁଝାଇଦେବା ପୂର୍ବରୁ ତୁମେ ନିଜେ ନିଜ ଅନ୍ତରକୁ ନିରୀକ୍ଷଣ କର । ତୁମ ଅନ୍ତରରେ ଯଦି ଉଦ୍‌ବେଗ, ବିରୋଧଭାବ ସେ ବ୍ୟକ୍ତି ପ୍ରତି ନ ଥାଏ ତେବେ ସେ ବ୍ୟକ୍ତିର ଭୁଲ୍‌କୁ ସହୃଦୟ ଭାବରେ ବୁଝାଇ ଦିଅ । ମାତ୍ର ଥରେ । ତୁମ କହିବାରେ ବ୍ୟକ୍ତି ଯଦି ନିଜ ଭୁଲ୍ ବୁଝିପାରି ତାହା ସଂଶୋଧନ କରିବାକୁ ଚାହେଁ, ତେବେ ସଂଶୋଧନ କରିବାକୁ ପରାମର୍ଶ ଦେଇପାର । ଯଦି ତୁମ କହିବାରେ ବ୍ୟକ୍ତି ପ୍ରତିବାଦ କରେ ତେବେ ତୁମେ ଏକେବାରେ ଚୁପ୍ ହୋଇଯାଅ; ନିଜକୁ ବିଚଳିତ ହେବାକୁ ଦିଅ ନାହିଁ ଏବଂ ମା'ଙ୍କ କାର୍ଯ୍ୟ ଆନ୍ତରିକ ଭାବେ କର । ତୁମେ ବିକ୍ଷୁବ୍ଧ ନ ହେଲେ ତୁମ

ଦ୍ୱାରା ମା'ଙ୍କ କାର୍ଯ୍ୟ ଆଗେଇ ଚାଲିବ । ତୁମ ମଧ୍ୟରେ ଯଦି ଅଧିକ ସମତା ଥାଏ ଏବଂ ମା'ଙ୍କ କାର୍ଯ୍ୟକୁ ଜୀବନରେ ଶ୍ରେଷ୍ଠସ୍ଥାନ ଦେଇଥାଅ, ତେବେ ମା'ଙ୍କ କାର୍ଯ୍ୟ ସୁରକ୍ଷିତ ରହିବା ଉଦ୍ଦେଶ୍ୟରେ ସେ ବ୍ୟକ୍ତିର ଭୁଲ୍ ସଂଶୋଧନ ସକାଶେ ଆନ୍ତରିକ ପ୍ରାର୍ଥନା କର ଅଥବା ସେ ବ୍ୟକ୍ତି ପ୍ରତି ସଦ୍‌ଭାବନା ରଖ । ଏହା ଯଦି ନ କରିପାର ତେବେ କୌଣସି ବିଦ୍ରୋହ ଭାବ ନ ରଖି ତୁମ କାର୍ଯ୍ୟ ତୁମେ କର । ସେ ବ୍ୟକ୍ତିର କାର୍ଯ୍ୟକୁ ମା'ଙ୍କ ଉପରେ ଛାଡ଼ିଦିଅ ।

## ଭାଗବତ ପ୍ରେମରେ ସଂସ୍ଥାର ସଂଗଠନ

ପ୍ରଶ୍ନ : ଭଗବାନଙ୍କ କୃପା, ମା'ଙ୍କ ଆଶୀର୍ବାଦରୁ ଓଡ଼ିଶାରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ସ୍ୱତଃସ୍ଫୂର୍ତ୍ତଭାବେ ପ୍ରସାର ହୋଇ ଚାଲୁଛି । ବହୁ ପାଠଚକ୍ର, ଛାତ୍ରସଂଘ, ଯୁବସଂଘ ତଥା ମହିଳା ପାଠଚକ୍ର ମଧ୍ୟ ପ୍ରତିଷ୍ଠା ହୋଇଛି । ଏହିସବୁ କାର୍ଯ୍ୟ ସଂସ୍ଥାର ବିଧାନ ଅନୁସାରେ ସଂଘଟିତ ହେଲେ ଭଲ ହୁଅନ୍ତା ବୋଲି ମନେହୁଏ । ତେବେ ଏହା ଅଗ୍ରସର ହେଉ ନାହିଁ କାହିଁକି ?

ଉତ୍ତର : ତା'ର ସମୟ ଆସି ନାହିଁ । ପାଠଚକ୍ର, ମହିଳା ପାଠଚକ୍ର, ଛାତ୍ରସମାଜ, ଯୁବସମାଜ ଯେପରି ସ୍ୱତଃସ୍ଫୂର୍ତ୍ତଭାବେ ଗଢ଼ିଉଠିଛି ଏହାର ସଂଗଠନ ମଧ୍ୟ ସେହିପରି ସ୍ୱତଃସ୍ଫୂର୍ତ୍ତଭାବେ ଗଢ଼ି ଉଠିବ । ଏହିସବୁ କାର୍ଯ୍ୟ ହେଉଛି ବ୍ୟକ୍ତିମାନଙ୍କର ସ୍ୱତଃସ୍ଫୂର୍ତ୍ତ ଉତ୍ସାହ, ଶ୍ରଦ୍ଧା, ବିଶ୍ୱାସର ପ୍ରେରଣାରେ । ଏହାର ପଶ୍ଚାତରେ କାମ କରୁଛି ମା'ଙ୍କ ଅତିମାନସ ରୂପାନ୍ତରକାରିଣୀ ଶକ୍ତି । ସେହିପରି ଏହି ସଂଗଠନ ସକାଶେ ଯେତେବେଳେ କର୍ମକର୍ତ୍ତାମାନଙ୍କ ଅନ୍ତରରେ ଭାଗବତୀ ଅତିମାନସ-ଶକ୍ତିର ପ୍ରେରଣା ହେବ, ଶ୍ରଦ୍ଧା-ବିଶ୍ୱାସ-ଉତ୍ସାହ ପ୍ରକାଶ ହେବ, ସେତେବେଳେ ସ୍ୱତଃସ୍ଫୂର୍ତ୍ତଭାବେ ଏହି ସଂଗଠନ କାର୍ଯ୍ୟ ଭାଗବତ ବିଧାନ ଅନୁସାରେ ହୋଇପାରିବ । ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ପ୍ରବୃତ୍ତ ହେବା ପୂର୍ବରୁ ବର୍ତ୍ତମାନ ସଂଗଠନ କରିବାକୁ ହେଲେ ପୁରାତନ ଶାସନଗତ ବା ସାମାଜିକ ସଂସ୍ଥାର ପଦ୍ଧତିର ଆଶ୍ରୟ ନେବାକୁ ହେବ । କିନ୍ତୁ ଏହି ଅଧ୍ୟାତ୍ମ ସଂସ୍ଥା ଦ୍ୱାରା ଚାକିରିରେ ଉନ୍ନତି, ବ୍ୟବସାୟରେ କଳାବଜାର କରିବାର ସୁବିଧା, ଅଧିକାର ପ୍ରାପ୍ତିର ଆଶା ନ ଥିବାରୁ ବାଧ୍ୟବାଧକତା ଚଳିବ ନାହିଁ । ବ୍ୟକ୍ତି ଅନ୍ତରରେ ଭାଗବତ ପ୍ରେମ ପ୍ରକାଶ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ ।

ପ୍ରଶ୍ନ : ଅତିମାନସ ଅଧ୍ୟାତ୍ମ ସଂସ୍ଥା ଅଜ୍ଞାନ ଜଗତର ଯାନ୍ତ୍ରିକ ବିଧାନରେ ପରିଚାଳିତ ନ ହୋଇ ଭାଗବତ ପ୍ରେମରେ ପରିଚାଳିତ ହେବ । ଭାଗବତ ପ୍ରେମର ପ୍ରଣାଳୀ କ'ଣ ? ଜାଗତିକ ସଂସ୍ଥାର ଯାନ୍ତ୍ରିକ ପରିଚାଳନା କିପରି ?

ଉତ୍ତର : ବର୍ତ୍ତମାନ ଅଜ୍ଞାନ ଜଗତର ସଂସ୍ଥା ପରିଚାଳିତ ହେଉଛି ସାମାଜିକ ମନ-ବୁଦ୍ଧି-ନିର୍ମିତ ବିଧାନ ଅଥବା ଶାସନଗତ ଆଇନ ଅନୁସାରେ । ବ୍ୟକ୍ତିର ଅନ୍ତରରେ ସ୍ୱାର୍ଥ-ଅହଂ, ବାସନା-କାମନା ବିଦ୍ୟମାନ ଅଛି, ଏସବୁକୁ ତ୍ୟାଗ କରିବାକୁ ସେ ଚାହୁଁ ନାହିଁ ଏବଂ ତା'ର ତ୍ୟାଗ କରିବା ସାମର୍ଥ୍ୟ ବି ନାହିଁ । କେବଳ ସ୍ୱାର୍ଥହାନି ଭୟରେ ଯାନ୍ତ୍ରିକ ବିଧାନକୁ ମାନି ନେଇଅଛି । କିନ୍ତୁ ସ୍ୱାର୍ଥ-ଅହଂ, କାମନା-ବାସନା ଚରିତାର୍ଥ କରିବାକୁ ସୁଯୋଗ ଖୋଜୁଛି, ଆଇନ ତଥା ସମାଜଗତ ବିଧାନ ଚାପରୁ ମୁକ୍ତ ହେବାର ଟିକିଏ ଅବକାଶ ପାଇବାମାତ୍ରେ ବ୍ୟକ୍ତି ନିଜ ଅଧିକାର, ସ୍ୱାର୍ଥ ସକାଶେ ନାନା ପ୍ରକାର ଅନ୍ୟାୟ, ଅସତ୍ୟର ଆଶ୍ରୟ ନେଉଛି ଏବଂ ଜଘନ୍ୟ ନିନ୍ଦନୀୟ କର୍ମ କରିବାକୁ ପଶ୍ଚାତ୍‌ପଦ ହେଉ ନାହିଁ । ଅନ୍ୟର ତଥା ଦେଶର ସର୍ବନାଶ କରୁଛି । ଏହାରି ଦ୍ୱାରା ପ୍ରସାର ହେଉଛି ଅନ୍ୟାୟ ଏବଂ ଅସତ୍ୟ ।

ଠିକ୍ ଏହାର ବିପରୀତ ମା'ଙ୍କ ଅଧ୍ୟାତ୍ମ ଅତିମାନସ ସଂସ୍ଥା । ଏ ସଂସ୍ଥାର ବ୍ୟକ୍ତି ନିଜ ଅନ୍ତରରେ ଅହଂ ସ୍ୱାର୍ଥକୁ

ପୋଷଣ କରି ବାହାରେ ସାଧୁ ସାଜି, ଲୋକଙ୍କୁ ଲମ୍ବା ଲମ୍ବା କଥା କହି ଠକିଲେ ଚଳିବ ନାହିଁ, ଅନ୍ତରର ଅହଂ-ସ୍ୱାର୍ଥ, କପଟ, ଛଳ ତ୍ୟାଗ କରିବାକୁ ହେବ ଏବଂ ପ୍ରତିଷ୍ଠା କରିବାକୁ ହେବ ସତ୍ୟ, ନ୍ୟାୟ, ଶାନ୍ତି, ସନ୍ତୋଷ, ଆନନ୍ଦ, ଜ୍ଞାନ । ଏହା ହୋଇପାରେ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ସତ୍ତା ରୂପାନ୍ତରିତ ହେବାରେ । ତେବେ ମନୁଷ୍ୟ ହେବ ଅତିମାନବ, ସଂସାର ହେବ ସ୍ୱର୍ଗ ।

## ପୁରାତନ ଯୋଗରୁ ଅତିମାନସ ଯୋଗ ଭିନ୍ନ

ପ୍ରଶ୍ନ : ପୁରାତନ ସମସ୍ତ ଯୋଗୀ କର୍ମ କାହିଁକି ତ୍ୟାଗ କରିଥିଲେ ଏବଂ କର୍ମ ତ୍ୟାଗ କରିବା ସଂସ୍କାର କ'ଣ ? ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟରେ ପହଞ୍ଚିବା ସକାଶେ କିପରି ମନୋଭାବରେ କଲେ ତାହା ଭାଗବତ କର୍ମ ହେବ ?

ଉତ୍ତର : ପୁରାତନ ସମସ୍ତ ଯୋଗୀ କର୍ମକୁ ଜନ୍ମ-ମରଣର କାରଣ ବୋଲି ଜାଣିଥିବା ଯୋଗୁଁ ତାହା ତ୍ୟାଗ କରିଥିଲେ । ଏହି ଧାରଣା ହେଉଛି ସଂସ୍କାର ।

ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତି ମନ-ପ୍ରାଣ, କାମନା-ବାସନାର ପ୍ରେରଣାରେ କର୍ମ କରେ ନାହିଁ, ଭାଗବତୀ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହୋଇ କର୍ମ କରେ । ସେହି ସକାଶେ ସେହି କର୍ମ ହୁଏ ଭାଗବତ କର୍ମ ତଥା ସେହି ଭାଗବତ କର୍ମ ଜନ୍ମ-ମରଣର କାରଣ ନ ହୋଇ କର୍ମରେ ଅଭିବ୍ୟକ୍ତ କରେ ଭଗବାନଙ୍କୁ । ପୂର୍ବ ପୁରାତନ ଯୋଗର କର୍ମତ୍ୟାଗ ସଂସ୍କାର ବ୍ୟକ୍ତିର ରକ୍ତ ସଙ୍ଗେ ମିଶିଥିବାରୁ ଶ୍ରୀଅରବିନ୍ଦଙ୍କ ଯୋଗର ସାଧକମାନେ ଏହି ଭାଗବତ କର୍ମକୁ ଠିକ୍ ଠିକ୍ ବୁଝିପାରୁ ନାହାନ୍ତି । ପୁରାତନ ଯୋଗର ସାଧକମାନେ ସଂସାର ତଥା ଶରୀରକୁ ମିଥ୍ୟା-ମାୟା ମାନି ସେଥିରୁ ଆତ୍ମାର ସମ୍ବନ୍ଧ ତ୍ୟାଗ କରିଥିଲେ, କର୍ମ ହେଉଥିଲା ଶରୀରରେ । ଶରୀର ମାୟା ମିଥ୍ୟା ମାନିବା ଯୋଗୁଁ କର୍ମ ଜନ୍ମ-ମରଣର କାରଣ ହୋଇଥିଲା । ସେହି କାରଣରୁ ସେମାନେ କର୍ମ, ଶରୀର, ସଂସାର ତ୍ୟାଗ କରି ଆତ୍ମାକୁ ନିର୍ବିଶେଷ ସତ୍ତାରେ ଏକ କରି ମୁକ୍ତି ପାଉଥିଲେ ଅଥବା ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସରେ ଭଗବତ୍‌ପ୍ରାପ୍ତି କରିଥିଲେ ।

ଶ୍ରୀଅରବିନ୍ଦଙ୍କ ରୂପାନ୍ତର-ଯୋଗରେ ସଂସାରକୁ ମିଥ୍ୟା-ମାୟା ମାନି ନିଆ ହୁଏ ନାହିଁ, ଆତ୍ମାରୁ ଶରୀର ସମ୍ବନ୍ଧ ବିଚ୍ଛେଦ କରି ମୃତ୍ୟୁ ପରେ ମୁକ୍ତି, ନିର୍ବାଣ ବା ସାକେତ, ଗୋଲୋକ, ବୈକୁଣ୍ଠରେ ଭଗବତ୍‌ପ୍ରାପ୍ତି କରାହୁଏ ନାହିଁ । ଏହି ଶରୀରକୁ ଅତିମାନସ ଶକ୍ତି ଦ୍ୱାରା ଏହାର ମୂଳ ଭଗବତ୍ ତତ୍ତ୍ୱରେ ରୂପାନ୍ତର କରିବାକୁ ହୁଏ । ବ୍ୟକ୍ତିର ମନ-ପ୍ରାଣରେ ବାସନା-କାମନା ନ ଥିବାରୁ କର୍ମ ଜନ୍ମ-ମରଣର କାରଣ ହୁଏ ନାହିଁ । ମନ-ପ୍ରାଣକୁ ରୂପାନ୍ତର କରି ଭାଗବତ ଅତିମାନସ ଶକ୍ତି ବ୍ୟକ୍ତିକୁ ପରିଚାଳିତ କରେ ଏବଂ କର୍ମର ପ୍ରେରଣା ଦିଏ । ବ୍ୟକ୍ତିର ମନ-ପ୍ରାଣ ସ୍ଥାନରେ ଭାଗବତୀ ଶକ୍ତିର ପ୍ରେରଣାରେ କର୍ମ ହେଉଥିବାରୁ ସେହି କର୍ମ ଭାଗବତ କର୍ମ ହୁଏ ଏବଂ କର୍ମରେ ଭଗବାନଙ୍କର ଅଭିବ୍ୟକ୍ତି ହୁଏ । ଏହି ଭଗବତ୍ କର୍ମ ଦ୍ୱାରା ବ୍ୟକ୍ତି ସମସ୍ତ ସତ୍ତାରେ ଭଗବାନ୍ ସଚ୍ଚିଦାନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ସହିତ ଏକତ୍ୱ ପ୍ରାପ୍ତ ହୁଏ ଏବଂ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଅଜ୍ଞାନ, ଦୁଃଖକଷ୍ଟରୁ ପୂର୍ଣ୍ଣରୂପେ ମୁକ୍ତ ହୁଏ ।

ପ୍ରଶ୍ନ : କେଉଁ ବିଷୟ ଜାଣିଲେ ଆମ୍ଭେମାନେ ପୂର୍ବ ଯୋଗର କର୍ମ ତ୍ୟାଗ ସଂସ୍କାରରୁ ମୁକ୍ତ ହୋଇ ଭାଗବତ କର୍ମ କରି ପାରିବା ଏବଂ ମା'ଙ୍କ ସଂସ୍ଥା ସ୍ୱତଃସ୍ଫୂର୍ତ୍ତଭାବେ ଗଠନ କରିପାରିବା ?

ଉତ୍ତର : ପୁରାତନ ଯୋଗ ତଥା ପୁରାତନ ଯୋଗର ଲକ୍ଷ୍ୟଠାରୁ ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ଯୋଗର ଲକ୍ଷ୍ୟ ସଂପୂର୍ଣ୍ଣ ଭିନ୍ନ – ଏହି ଭିନ୍ନତା ଠିକ୍ ଠିକ୍ ବୁଝି ପାରିଲେ ପୁରାତନ ଯୋଗର କର୍ମତ୍ୟାଗ ସଂସ୍କାରରୁ ମୁକ୍ତ ହୋଇ

ଭାଗବତ କର୍ମ କରିପାରିବା । ଏହି ଭାଗବତ କର୍ମ ଦ୍ୱାରା ମା'ଙ୍କ ଅଧ୍ୟାତ୍ମ ସଂସ୍ଥାର ସଂଗଠନ କାର୍ଯ୍ୟ ସ୍ୱତଃସ୍ଫୂର୍ତ୍ତ ଭାବେ ହୋଇପାରିବ ।

ପ୍ରଶ୍ନ : କେଉଁ ବିଷୟରେ ପୁରାତନ ଯୋଗରୁ ଶ୍ରୀଅରବିନ୍ଦଙ୍କ ଯୋଗର ଭିନ୍ନତା, ଏହା ସ୍ପଷ୍ଟଭାବେ ବୁଝାଇଦିଅ ?

ଉତ୍ତର : ପୁରାତନ ଯୋଗରେ ବ୍ୟକ୍ତିଗତ ମୁକ୍ତି, ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତିଗତ ମୁକ୍ତି ସହିତ ସମସ୍ତ ସତ୍ତାର ରୂପାନ୍ତର ଏବଂ ଭାଗବତ ଉପଲବ୍ଧି ତଥା ସଂସାର ସ୍ୱର୍ଗରେ ପରିଣତ । ପୁରାତନ ଯୋଗୀମାନେ ନିଜେ ନିଜେ ସାଧନା କରି ମୁକ୍ତି, ନିର୍ବାଣ, ଭଗବତ୍‌ପ୍ରାପ୍ତି କରୁଥିଲେ, ସଂସାର ଯେଉଁ ଦୁଃଖ-ଦ୍ୱନ୍ଦ୍ୱରେ ଥିଲା, ସଂସାର ବ୍ୟକ୍ତିମାନେ ଯେଉଁ ନରକ ଯାତନା ଭୋଗ କରୁଥିଲେ ସେହି ଅବସ୍ଥାରେ ସେମାନେ ରହିଲେ ।

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ବ୍ୟକ୍ତି ଶରୀର, ସଂସାର ତ୍ୟାଗ ନ କରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱରୁ ମୁକ୍ତ ହୁଏ, ସମଗ୍ର ସତ୍ତାରେ ଭଗବତ୍ ଉପଲବ୍ଧି କରେ । ଏହା ଫଳରେ ସଂସାରରୁ ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅସତ୍ୟ, ଅନ୍ୟାୟ ଦୂର ହୁଏ, ସଂସାରରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା ହୁଏ । ଏହାହିଁ ପୁରାତନ ଯୋଗରୁ ଶ୍ରୀଅରବିନ୍ଦଙ୍କ ଯୋଗର ଭିନ୍ନତା ।

## କର୍ମର ପ୍ରଣାଳୀ

ପ୍ରଶ୍ନ : ପୁରାତନ ଯୋଗରୁ ଶ୍ରୀଅରବିନ୍ଦଙ୍କ ଯୋଗ ଏକେବାରେ ପୃଥକ୍ ଏବଂ କର୍ମତ୍ୟାଗ କରିବା ପୁରାତନ ଯୋଗର ଏହି ସଂସ୍କାର ବୁଝିପାରିଲୁ । କିନ୍ତୁ ଆମ୍ଭ ପୂର୍ବ ପ୍ରଶ୍ନର ଉତ୍ତରରେ କହିଥିଲ, ''ଭାଗବତ କର୍ମ ଦ୍ୱାରା ଆମ୍ଭେମାନେ ଲକ୍ଷ୍ୟରେ ସହଜରେ ପହଞ୍ଚିବାର ସୁଯୋଗ ପାଇପାରିବା ଏହି ସକାଶେ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସଂଘ, ଶ୍ରୀଅରବିନ୍ଦ ଯୁବସଂଘ ଇତ୍ୟାଦିର କାର୍ଯ୍ୟ ହେଉଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ପାଠଚକ୍ର ଏବଂ ସମ୍ମିଳନୀ ଇତ୍ୟାଦି ମା'ଙ୍କ ଉଦ୍ଦେଶ୍ୟରେ ଯାବତୀୟ କର୍ମ, ଲକ୍ଷ୍ୟରେ ପହଞ୍ଚିବା ସକାଶେ ଆମ୍ଭମାନଙ୍କର ଗୋଟିଏ ସୁଯୋଗ । କେଉଁ କାରଣରୁ ଏହିସବୁ କର୍ମ ଲକ୍ଷ୍ୟରେ ପହଞ୍ଚିବାର ସୁଯୋଗ ହେବ ? ସ୍ପଷ୍ଟଭାବରେ ବୁଝାଇ ଦିଅ ।

ଉତ୍ତର : ଭଗବାନଙ୍କ ସଂକଳ୍ପରେ, ପୃଥିବୀରେ ଭଗବାନଙ୍କ ଅଭିବ୍ୟକ୍ତି ଉଦ୍ଦେଶ୍ୟରେ କର୍ମ କେବେ ବି ହୋଇ ନ ଥିଲା; ଏହି କର୍ମ ମା'ଙ୍କ ଦ୍ୱାରା ବର୍ତ୍ତମାନ ହେଉଛି । ଏହାହିଁ ଲକ୍ଷ୍ୟପ୍ରାପ୍ତିର ମହାନ୍ ସୁଯୋଗ । ମା'ଙ୍କ ଉଦ୍ଦେଶ୍ୟରେ କର୍ମ-ସଂପାଦନ ଦ୍ୱାରା ମା'ଙ୍କ ଶକ୍ତି ଜ୍ଞାତରେ ବା ଅଜ୍ଞାତରେ ଆମ୍ଭମାନଙ୍କ ଆଧାରରେ ଅବତରଣ କରେ ଏବଂ ପ୍ରେରଣା ଦିଏ । ଏହାହିଁ ଲକ୍ଷ୍ୟରେ ପହଞ୍ଚିବାର ଅନିବାର୍ଯ୍ୟ ସାଧନା ।

ଜୀବନ ଓ ସଂସାରର ଅର୍ଥହିଁ କର୍ମ । ବ୍ୟକ୍ତିର ମୃତ୍ୟୁ ହେବା ପୂର୍ବରୁ ସେ କର୍ମବିନା ରହିପାରେ ନାହିଁ । କର୍ମ ସଂପାଦିତ ହୁଏ ଶରୀରରେ । କର୍ମରୁ ମୁକ୍ତ ହେବାର ଉପାୟ ନ ଦେଖି କର୍ମର ଆଧାର ଶରୀରକୁ ପୁରାତନ ଯୋଗୀମାନେ ପରିତ୍ୟାଗ କଲେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ, ପ୍ରାଣ, ଶରୀର ଭାଗବତ ତତ୍ତ୍ୱରେ ରୂପାନ୍ତର, ସଂସାର ସ୍ୱର୍ଗରେ ପରିଣତ ଉଦ୍ଦେଶ୍ୟ ହେବାରୁ କର୍ମ ଅନିବାର୍ଯ୍ୟ ହୋଇପଡ଼ିଲା । କିନ୍ତୁ କର୍ମ ସଂପାଦନ କରିବା ମନୋଭାବ ଅନୁସାରେ କର୍ମର ଫଳ ଭିନ୍ନ ଭିନ୍ନ ହେଲା ।

## ସାଧାରଣ ସକାମ କର୍ମ

ଭଗବତ୍‌ପ୍ରାପ୍ତି ଲକ୍ଷ୍ୟ ନ ଥିବା ସାଂସାରିକ ବ୍ୟକ୍ତିର କର୍ମ ସାଧାରଣ ବା ସକାମ । ସେ ମନ-ପ୍ରାଣ-ଶରୀରର ବାସନା-କାମନା ଆବଶ୍ୟକତା ଯୋଗୁଁ ନିଜ ସକାଶେ, ପରିବାର ସକାଶେ, ଦେଶ ତଥା ସଂସାର ସକାଶେ କର୍ମ କରେ । ଗୋଟିଏ ପ୍ରକାର କର୍ମରେ ଶାଖାପ୍ରଶାଖାରୂପେ ବହୁ କର୍ମ-ବାସନା ଉତ୍ପନ୍ନ ହୁଏ, ସେହି ବାସନା-କାମନା ଯୋଗୁଁ ବ୍ୟକ୍ତି ଜନ୍ମ-ମରଣ ଚକ୍ରରେ ଭ୍ରମୁଥାଏ । କିନ୍ତୁ କର୍ମ ହୁଏ ମନ-ପ୍ରାଣର ପ୍ରେରଣାରେ ଶରୀର ଦ୍ୱାରା । ପୁରାତନ ସମସ୍ତ ଯୋଗୀ କର୍ମ-ବାସନାରୁ ମୁକ୍ତ ହେବା ସକାଶେ କର୍ମର ମୂଳ କାରଣ ମନ-ପ୍ରାଣ-ଶରୀରଠାରୁ ଆତ୍ମାକୁ ପୃଥକ୍ କରିନେଲେ । ମନ-ପ୍ରାଣ-ଶରୀର ଯେପରି ଥିଲା ସେହିପରି ରହିଲା । କେବଳ ଆତ୍ମା ମୁକ୍ତି, ନିର୍ବାଣ ଅଥବା ଭଗବତ୍‌ପ୍ରାପ୍ତି ହେଲା । ବୈଷ୍ଣବ ତଥା ତନ୍ତ୍ର ନିଜ ଇଷ୍ଟଦେବ ଏବଂ ଇଷ୍ଟଦେବୀଙ୍କୁ ଯଦ୍ୟପି କର୍ମ ସମର୍ପଣ କରୁଥିଲେ ତଥାପି ସେମାନଙ୍କର ମନ-ପ୍ରାଣ-ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରିବା ଲକ୍ଷ୍ୟ ନ ଥିଲା ।

## ଭଗବତ୍ ସମର୍ପିତ ନିଷ୍କାମ କର୍ମ

ଶ୍ରୀଅରବିନ୍ଦଙ୍କ ଯୋଗ ସଂପୂର୍ଣ୍ଣରୂପେ ପୁରାତନ ଯୋଗଠାରୁ ଭିନ୍ନ । ସେଥିରେ ମନ-ପ୍ରାଣ-ଶରୀରକୁ ତ୍ୟାଗ କରିବାକୁ ହୁଏ ନାହିଁ; ଏହାକୁ ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର କରିବାକୁ ହୁଏ । ଏହି କାରଣରୁ କର୍ମ ନିଶ୍ଚିତରୂପେ ଅନିବାର୍ଯ୍ୟ ହୋଇପଡ଼େ ।

କର୍ମରୁ ବାସନା-କାମନା ନିବୃତ୍ତି, ମନ-ପ୍ରାଣ-ଶରୀରର ରୂପାନ୍ତର ହୁଏ ଭାଗବତୀ ଅତିମାନସ ଶକ୍ତି ଦ୍ୱାରା । ସେହି ଶକ୍ତି ବ୍ୟକ୍ତି ଆଧାରରେ ଅବତରଣ କରେ ଏବଂ ରୂପାନ୍ତର କ୍ରିୟା କରେ ସମର୍ପଣ, ଅଭୀପ୍ସା ଏବଂ ପ୍ରତିକୂଳ-କ୍ରିୟା ତଥା ଗତିବୃତ୍ତିର ତ୍ୟାଗ ଦ୍ୱାରା । ଏହିସବୁ କ୍ରିୟା ହୋଇପାରେ ଏକାଗ୍ର ଅବସ୍ଥାରେ । ଏକାଗ୍ରତାର ଦୁଇଟି ଉପାୟ — ଗୋଟିଏ ଧ୍ୟାନ, ଅନ୍ୟଟି କର୍ମ । ଧ୍ୟାନ ସମସ୍ତଙ୍କ ପକ୍ଷେ ସହଜ ନୁହେଁ । ଧ୍ୟାନରେ ବସିବାମାତ୍ରେ ବ୍ୟକ୍ତିର ପୂର୍ବ ଅଭ୍ୟାସ, ପୂର୍ବ ସଂସ୍କାରଗତ କର୍ମର ସ୍ମୃତି ବିଚାରରୂପେ ନଦୀସ୍ରୋତ ସଦୃଶ ପ୍ରବାହିତ ହେବାକୁ ଆରମ୍ଭ କରେ, ଏକାଗ୍ରତା ଏକେବାରେ ଆସେ ନାହିଁ । କୌଣସିମତେ ଏକାଗ୍ରତା ଟିକିଏ ଆସିଲେ ସଙ୍ଗେ ସଙ୍ଗେ ନିଦ୍ରା ଆକ୍ରମଣ କରେ । ଏହି କାରଣରୁ ପ୍ରତ୍ୟେକ ବ୍ୟକ୍ତି ସକାଶେ ଧ୍ୟାନ ସୁଲଭ ନୁହେଁ, ସୁଲଭ କର୍ମ । କର୍ମରେ ବ୍ୟକ୍ତି ମନ ତଥା ଚିତ୍ତବୃତ୍ତିକୁ ଏକାଗ୍ର କରିପାରେ । 'ମା' ଏହି ନାମ ଜପ ବି କରିପାରେ ।

ତା'ଛଡ଼ା ପୂର୍ଣ୍ଣଯୋଗର ଉଦ୍ଦେଶ୍ୟ ଶରୀର ରୂପାନ୍ତର । ଶରୀର ନମନୀୟ, ଗ୍ରହଣକ୍ଷମ ହେଲେ ଭାଗବତୀ ଶକ୍ତି ପ୍ରଭାବରେ ତା' ମଧ୍ୟରେ ଥିବା ସୁପ୍ତ ଚେତନା ଜାଗ୍ରତ୍ ହୁଏ ଏବଂ ରୂପାନ୍ତର ସକାଶେ ଅଭୀପ୍ସା କରେ । ଶରୀର ନମନୀୟ ଏବଂ ଗ୍ରହଣକ୍ଷମ ହୁଏ ଭଗବତ୍-ଉଦ୍ଦେଶ୍ୟ-ସମର୍ପିତ କର୍ମ ଦ୍ୱାରା । ସେହି ସକାଶେ ଏହି ଯୋଗରେ କର୍ମ ଅପରିହାର୍ଯ୍ୟ । କିନ୍ତୁ ଆମ୍ଭେମାନେ ଏହି ରହସ୍ୟ ଠିକ୍ ଠିକ୍ ବୁଝି ନ ପାରିବାରୁ ଲକ୍ଷ୍ୟପ୍ରାପ୍ତିର ଅନିବାର୍ଯ୍ୟ ଉପାୟରୂପେ କର୍ମକୁ ଗ୍ରହଣ କରିପାରୁ ନାହିଁ ।

ଭଗବତ୍‌ପ୍ରାପ୍ତି ବା ଭଗବତ୍ ଉଦ୍ଦେଶ୍ୟରେ କର୍ମ କରି ଭଗବାନଙ୍କୁ ସମର୍ପଣ କଲେ କର୍ମ ହୁଏ ଉପାୟ, ଭଗବତ୍‌ପ୍ରାପ୍ତି ହୁଏ ଫଳ ବା ଲକ୍ଷ୍ୟସିଦ୍ଧି । ଭଗବତ୍‌ପ୍ରାପ୍ତି ଉଦ୍ଦେଶ୍ୟହିଁ ହେଲା ବାସନା ବା କାମନା । ସେହି ବାସନାର ପ୍ରଜ୍ୱଳିତ ଅଗ୍ନିଶିଖାରେ ଅନ୍ୟାନ୍ୟ ସମସ୍ତ ବାସନା-କାମନା ଭସ୍ମୀଭୂତ ହୋଇଯାଇଥା'ନ୍ତି, ରହିଥିବା ଭଗବତ୍‌ପ୍ରାପ୍ତି ବାସନା ନିବୃତ୍ତ ହୁଏ ଭଗବତ୍ ପ୍ରାପ୍ତିରେ । ଭଗବାନ୍ ଆପ୍ତକାମ ଏବଂ ଜ୍ଞାନ, ଆନନ୍ଦ, ପରମ ଶାନ୍ତିର ସ୍ୱରୂପ । ଭଗବତ୍ ପ୍ରାପ୍ତି ହେଲେ ମନୁଷ୍ୟର ଅଭାବ କିଛି ରହେ ନାହିଁ । ଅଭାବ ନିବୃତ୍ତିହିଁ ବାସନା-କାମନା ଶୂନ୍ୟ ଅବସ୍ଥା । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ମା'ଙ୍କ ଉଦ୍ଦେଶ୍ୟରେ କର୍ମ କରି ମା'ଙ୍କୁ ସମର୍ପଣ କରିବାକୁ ହୁଏ । ମା' ଏବଂ ଭଗବାନ୍ ଏକ,

ଅଭିନ୍ନତତ୍ତ୍ୱ । ଏହି ରୂପାନ୍ତର ପୃଥିବୀରେ ପ୍ରତିଷ୍ଠା କରିବା ସକାଶେ ମା' ସାଧନା କରୁଛନ୍ତି ଏବଂ ଲକ୍ଷ୍ୟ ସାଧନରେ ସାଧକମାନଙ୍କୁ ପୂର୍ଣ୍ଣ ସାହାଯ୍ୟ କରୁଛନ୍ତି । ଏହି କାରଣରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ମା'ଙ୍କ ସେବାଭାବରେ କର୍ମ କରାହୁଏ ତଥା ସମର୍ପଣ କରାହୁଏ । ଏହି କର୍ମରେ ବ୍ୟକ୍ତିର କର୍ତ୍ତାବୋଧ ସମ୍ପୂର୍ଣ୍ଣଭାବେ ଥାଏ । କର୍ମ କରିବା ବ୍ୟକ୍ତି ସେ ନିଜେ । ଏହି ବୋଧ ହେଲା କର୍ମର କର୍ତ୍ତା । ଏହିପରି କର୍ମ-ସମର୍ପଣ ଦ୍ୱାରା ଭାଗବତୀ ଶକ୍ତି ବ୍ୟକ୍ତି ଆଧାରରେ ଅବତରଣ କରନ୍ତି ଏବଂ ସମର୍ପିତ ଅଙ୍ଗମାନଙ୍କରେ ରୂପାନ୍ତର କ୍ରିୟା କରନ୍ତି ତଥା କର୍ମର ପ୍ରେରଣା ଦିଅନ୍ତି । ବ୍ୟକ୍ତି ଆଧାରରେ ଭାଗବତୀ ଶକ୍ତି କ୍ରିୟା ଯେତେ ଅଧିକ ହୁଏ ବ୍ୟକ୍ତିର କର୍ତ୍ତୃତ୍ୱଭାବ ତେତେ କମ୍ ହୁଏ । ଭାଗବତୀ ଶକ୍ତିର ପ୍ରେରଣା ଅନୁସାରେ ବ୍ୟକ୍ତି ଯେତେବେଳେ ସମସ୍ତ କର୍ମ କରେ ସେତେବେଳେ ହୁଏ ଭାଗବତ କର୍ମ ।

## ଭାଗବତ ଯାନ୍ତ୍ରିକ କର୍ମ (ନିଷ୍କାମ କର୍ମ)

ବ୍ୟକ୍ତି ମନ-ପ୍ରାଣ ଦ୍ୱାରା ପରିଚାଳିତ ହୋଇ କର୍ମ କରେ ନାହିଁ, କରେ ଭାଗବତୀ ଶକ୍ତି ପ୍ରେରଣାରେ । ସେ ଭାଗବତୀ ଶକ୍ତି କର୍ମକୁ ସମର୍ଥନ କରେ, ସମ୍ମତି ଦିଏ, ତା'ର ମନ-ପ୍ରାଣ-ଶରୀର ହୁଅନ୍ତି ଭାଗବତୀ ଶକ୍ତିର ଯନ୍ତ୍ର, କର୍ମ ସଂପାଦିତ ହୁଏ ଶରୀର ଦ୍ୱାରା । ଏହି ଅବସ୍ଥାରେ ବ୍ୟକ୍ତି ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ହୋଇ ନ ଥାଏ । ଏହି ପୃଥକ୍ ବୋଧ ଅବସ୍ଥାରେ ଭାଗବତୀ ଶକ୍ତିର ପ୍ରେରଣାରେ ସଂପାଦିତ ହେଉଥିବା କର୍ମର ନାମ ଭାଗବତ ଯାନ୍ତ୍ରିକ କର୍ମ । ଏହି କର୍ମ ଦ୍ୱାରା ବ୍ୟକ୍ତିସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ । ଏହାପରେ ଆସେ ଶୁଦ୍ଧ ଭାଗବତ କର୍ମ ।

## ଶୁଦ୍ଧ ଭାଗବତ କର୍ମ

ବ୍ୟକ୍ତିର ସମସ୍ତ ସତ୍ତା ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ଥାଆନ୍ତି । ଭଗବାନଙ୍କ ସଂକଳ୍ପ ଅନୁସାରେ ଭାଗବତୀ ଶକ୍ତି ଦ୍ୱାରା କର୍ମ ହୁଏ ବ୍ୟକ୍ତି ଆଧାରରେ । ବ୍ୟକ୍ତି ଭାଗବତୀ ଶକ୍ତିର ଯନ୍ତ୍ର ବୋଲି ଧାରଣା ରହେ ନାହିଁ । ଏହି ଧାରଣା ଥାଏ ଭଗବାନଙ୍କଠାରୁ ପୃଥକ୍ ଅବସ୍ଥାରେ । କିନ୍ତୁ ଏକତ୍ୱ ପ୍ରାପ୍ତ ହେଲେ ଏହି ଧାରଣା ଲୋପ ପାଏ । ଏହି କର୍ମ ଶୁଦ୍ଧ ଭାଗବତ କର୍ମ । ଏହି ଯେଉଁ ଭଗବାନଙ୍କ ସହିତ ଏକତ୍ୱ; ଅଦ୍ୱୈତ ସିଦ୍ଧାନ୍ତ ସଦୃଶ ନିରାକାର, ନିର୍ବିଶେଷ ସତ୍ତାରେ ମିଶିଯାଇ ନିଷ୍କ୍ରିୟ ହେବା ନୁହେଁ । ଏହି ଏକତ୍ୱ ପ୍ରାପ୍ତ ହୁଏ ସାକାର, ନିରାକାର, ଉର୍ଦ୍ଧ୍ୱସ୍ଥ ସତ୍-ଚିତ୍-ଆନନ୍ଦ ପୁରୁଷୋତ୍ତମ ତତ୍ତ୍ୱ ସହିତ । ସେହି ଏକତ୍ୱ ଥିବା ଅବସ୍ଥାରେ ବ୍ୟକ୍ତି ପୃଥକ୍ ରହି କର୍ମ କରେ ଏବଂ ଏକତ୍ୱ ତଥା ପୃଥକ୍ ଏହି ଉଭୟବୋଧ ଏକହିଁ ସଙ୍ଗେ ଏକହିଁ ଅବସ୍ଥାରେ ବିଦ୍ୟମାନ ଥାଏ । ଏହା ହୁଏ ଅତିମାନସ-ବିଜ୍ଞାନ-ଚେତନାରେ । ମନ ପକ୍ଷେ ଏହା ବୁଝିବା ଏକେବାରେ ସମ୍ଭବ ନୁହେଁ ।

## କର୍ମ ତିନି ଭାଗରେ ବିଭକ୍ତ

ଏହି ଯେଉଁ କର୍ମ ଆଲୋଚନା କରାହେଲା ତାହା ତିନି ଭାଗରେ ବିଭକ୍ତ; ନିଷିଦ୍ଧ କର୍ମ, ସାଧାରଣ କର୍ମ, ଭାଗବତ କର୍ମ । ଏହା ମଧ୍ୟରେ ମଧ୍ୟ ଭିନ୍ନ ଭିନ୍ନ ସ୍ତର ଅଛି । ଯଥା : ଚୋରି, ହତ୍ୟା, ପରପୀଡ଼ା ଇତ୍ୟାଦି ନିଷିଦ୍ଧ ନିନ୍ଦନୀୟ କର୍ମ । ଏହାର ଫଳ ଦୁଃଖ, ଶୋକ, ନରକ ଯନ୍ତ୍ରଣା । **ସାଧାରଣ କର୍ମ** : ଭଗବାନଙ୍କ ଛଡ଼ା ନିଜ ସକାଶେ, ପରିବାର ସକାଶେ, କୃଷି, ବାଣିଜ୍ୟ, ଚାକିରି ଇତ୍ୟାଦି ନିମ୍ନସ୍ତରର, ଆନ୍ତରିକତା ସହ ଦେଶସେବା, ଅନ୍ୟର ହିତ ଉଦ୍ଦେଶ୍ୟରେ କର୍ମ ଉଚ୍ଚସ୍ତରର । କିନ୍ତୁ ଏହି ଉଭୟ କର୍ମରେ ବାସନା-କାମନା ବିଦ୍ୟମାନ ଥାଏ । ସେହି ସକାଶେ ଏହା ଜନ୍ମ-ମରଣ-ବନ୍ଧନର କାରଣ ହୁଏ । ଭାଗବତ ସମର୍ପିତ ନିଷ୍କାମ କର୍ମ ତିନି ଭାଗରେ ବିଭକ୍ତ, ଯଥା :

**ଭାଗବତ ସମର୍ପିତ କର୍ମ** : ଭଗବାନଙ୍କ ଉଦ୍ଦେଶ୍ୟରେ, ଭଗବାନଙ୍କ ସେବା ଭାବରେ ସଂପାଦନ କରି ଭଗବାନଙ୍କୁ ସମର୍ପଣ କରିବା ହେଲା **ଭଗବତ୍ ସମର୍ପିତ କର୍ମ** । ଏଥିରେ କର୍ତ୍ତାବୋଧ ବିଦ୍ୟମାନ ଥାଏ । କେବଳ ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମ ହେବାରୁ ଏଥିରେ ଅନ୍ୟ ବାସନା ନ ଥାଏ, ଭଗବତ୍ ପ୍ରାପ୍ତିରେ ଭଗବତ୍ ପ୍ରାପ୍ତିର ବାସନା ଲୋପ ହେବାରୁ ବ୍ୟକ୍ତି ପୂର୍ଣ୍ଣ ନିଷ୍କାମ ହୁଏ ।

**ଭାଗବତ ଯାନ୍ତ୍ରିକ କର୍ମ** : ବ୍ୟକ୍ତିର ମନ-ପ୍ରାଣର ପ୍ରେରଣାରେ କର୍ମସଂପାଦିତ ନ ହୋଇ ଭାଗବତୀ ଶକ୍ତିର ପ୍ରେରଣାରେ ସଂପାଦିତ କର୍ମ ଭାଗବତ ଯାନ୍ତ୍ରିକ କର୍ମ । ଏଥିରେ ଭଗବାନଙ୍କଠାରୁ ପୃଥକ୍ ଏବଂ ତାଙ୍କର ଯନ୍ତ୍ର ହେବାର ପୃଥକତ୍ୱ ବୋଧ ଥାଏ ।

**ଶୁଦ୍ଧ ଭାଗବତ କର୍ମ** : ବ୍ୟକ୍ତିର ସମସ୍ତ ସତ୍ତା ଭଗବାନ୍ ସଚ୍ଚିଦାନନ୍ଦଙ୍କ ସହିତ ପୂର୍ଣ୍ଣ ଏକତ୍ୱପ୍ରାପ୍ତ ହୋଇଥିବା ସତ୍ତ୍ୱେ ସେ ଭଗବାନଙ୍କ ସେବାଭାବରେ କର୍ମ କରେ, ବ୍ୟକ୍ତିର ଏକତ୍ୱ ଏବଂ ପୃଥକ୍ତ୍ୱ ଏହି ଉଭୟ ବୋଧ ଏକ ସଙ୍ଗେ ଏକହିଁ ସମୟରେ ଥାଏ । ଏହା ହୁଏ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ସମସ୍ତ ସତ୍ତା ପୂର୍ଣ୍ଣ ରୂପାନ୍ତର ହେବାରେ । ଏହି ତିନି ପ୍ରକାର କର୍ମ ଶୁଦ୍ଧ ଭାଗବତ କର୍ମର ଭିନ୍ନ ଭିନ୍ନ ସ୍ତର ବା ଭିନ୍ନ ଭିନ୍ନ ସୋପାନ ।

ପ୍ରଶ୍ନ : ଗୃହ ପରିବାରର କାର୍ଯ୍ୟକୁ ମା'ଙ୍କ ସେବାରୂପେ ସଂପାଦନ କରି ମା'ଙ୍କୁ ସମର୍ପଣ କରିବା ଅପେକ୍ଷା ପାଠଚକ୍ର-ପ୍ରତିଷ୍ଠା, ପାଠଚକ୍ର ସମ୍ମିଳନୀ, ପାଠଚକ୍ର ଗୃହ ନିର୍ମାଣ, ଶ୍ରୀଅରବିନ୍ଦଙ୍କ ଶିକ୍ଷାକେନ୍ଦ୍ର ଆଦର୍ଶରେ ବିଦ୍ୟାଳୟ ସ୍ଥାପନ ଏବଂ ପରିଚାଳନା, ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପ୍ରସାର, ଶ୍ରୀଅରବିନ୍ଦ ଛାତ୍ର ସଂଘ, ଶ୍ରୀଅରବିନ୍ଦ ଯୁବ-ସଂଘ, ଶ୍ରୀଅରବିନ୍ଦ ମହିଳା ସମିତି ଇତ୍ୟାଦି ମା'ଙ୍କ ଆଦର୍ଶ ପ୍ରସାର ଯାବତୀୟ କାର୍ଯ୍ୟର ବିଶେଷତ୍ୱ କ'ଣ ? କେଉଁ ଅର୍ଥରେ ଏହିସବୁ କର୍ମ ଲକ୍ଷ୍ୟରେ ପହଞ୍ଚିବାର ସହଜ ଉପାୟ ?

ଉତ୍ତର : ଏହିସବୁ କାର୍ଯ୍ୟ ସିଧା ମା'ଙ୍କର, ମା'ଙ୍କ ଉଦ୍ଦେଶ୍ୟରେ କରାହୁଏ । ଏହି କାର୍ଯ୍ୟକୁ ସେବା ମାନି ମା'ଙ୍କୁ ସମର୍ପଣ କରିବାରେ ସହଜ ହୁଏ ।

ପାରିବାରିକ କର୍ମ ସିଧା ମା'ଙ୍କର ନୁହେଁ; ପରିବାର ଅଥବା ନିଜ ସକାଶେ କରାହୁଏ । ଏହି କର୍ମ ମା'ଙ୍କ ଉଦ୍ଦେଶ୍ୟରେ କରିବା ତଥା ମା'ଙ୍କୁ ସମର୍ପଣ କରିବା ଭାବ ନିଜ ଚେତନାରେ ପ୍ରତିଷ୍ଠା କରିବାରେ ବହୁ ପ୍ରୟାସ କରିବାକୁ ହୁଏ ।

ମା'ଙ୍କ କାର୍ଯ୍ୟର ବିଶେଷତ୍ୱ ହେଲା – ଏହିସବୁ କର୍ମାନୁଷ୍ଠାନରେ ମା'ଙ୍କର ଉପସ୍ଥିତି ଥାଏ ଏବଂ ମା'ଙ୍କ ଶକ୍ତି କ୍ରିୟା କରେ । ଏହିସବୁ କର୍ମର ପ୍ରସାର ସହିତ ଅଧ୍ୟାତ୍ମ ବାତାବରଣ ସ୍ପଷ୍ଟ ହୁଏ । ଏହା ନିଜ ସାଧନା ତଥା ଅନ୍ୟର ମଙ୍ଗଳ ଏବଂ ଅତିମାନବ ପୃଥିବୀରେ ପ୍ରତିଷ୍ଠା ସିଦ୍ଧିରେ ବିଶେଷ ସହାୟକ ଏବଂ ଆବଶ୍ୟକ ହୁଏ । ଏହି କାରଣରୁ ଗୃହକାର୍ଯ୍ୟ ଅପେକ୍ଷା ଏହି କାର୍ଯ୍ୟରେ ବିଶେଷତ୍ୱ ରହିଥାଏ ।

ଏହି ବିଶେଷତ୍ୱର ଅନ୍ୟ କାରଣ ହେଲା – ବ୍ୟକ୍ତିର ବ୍ୟକ୍ତିତ୍ୱ ଗଠିତ ହୋଇଛି ଅହଂ ଏବଂ ସ୍ୱାର୍ଥରେ; ସେହି ସକାଶେ ସୃଷ୍ଟି ଆରମ୍ଭରୁ ବ୍ୟକ୍ତି କର୍ମକୁ ନିଜର ମନେ କରିବା ତା' ରକ୍ତ ସହିତ ମିଶି ସଂସ୍କାରରେ ପରିଣତ ହୋଇଛି । ପ୍ରତ୍ୟକ୍ଷ ରୂପେ ନିଜ ଏବଂ ପରିବାର ସକାଶେ କର୍ମ କରି ତାକୁ ମା'ଙ୍କ ସେବା ମାନିବାରେ ନିରନ୍ତର ସଚେତ ହୋଇ ପ୍ରୟାସ କରିବାକୁ ହୁଏ । କିନ୍ତୁ ମା'ଙ୍କ ଆଦର୍ଶ ପ୍ରସାର ଏହିସବୁ କାର୍ଯ୍ୟ ସିଧା ମା'ଙ୍କ ସକାଶେ ହେବାରୁ ସେଥିରେ ପ୍ରୟାସ କରିବାକୁ ହୁଏ ନାହିଁ । ବରଂ ଏହି କାର୍ଯ୍ୟ ଦ୍ୱାରା ଭାଗବତୀ ଶକ୍ତି ସ୍ପର୍ଶରେ ଚେତନା କିଛି ଅଂଶରେ ପରିବର୍ତ୍ତନ ହେଲେ ଗୃହ କାର୍ଯ୍ୟକୁ ମା'ଙ୍କ ସେବାରୂପେ ଧାରଣା କରିବା ସହଜ ହୁଏ ।

ପ୍ରଶ୍ନ : ଏହିସବୁ ଆଲୋଚନାରୁ ସ୍ପଷ୍ଟରୂପେ ବୁଝି ପାରିଲୁ ସମର୍ପଣ କର୍ମ ଦ୍ୱାରା ବ୍ୟକ୍ତି ସହଜରେ ଲକ୍ଷ୍ୟପ୍ରାପ୍ତି କରିପାରେ । ଏହି କର୍ମପ୍ରାପ୍ତିହିଁ ଆମ୍ଭମାନଙ୍କର ପରମ ସୁଯୋଗ ।

ଏହା ବି ସ୍ପଷ୍ଟ ଭାବେ ବୁଝିପାରିଲୁ ଯେ ଏହି ଅଧ୍ୟାତ୍ମ ସଂସ୍ଥା ଜାଗତିକ ପ୍ରଣାଳୀ ଅନୁସାରେ ସଙ୍ଗଠିତ ହେବା ସମ୍ଭବ ନୁହେଁ, ହେବ ଭାଗବତ ପ୍ରେମ ଦ୍ୱାରା ସ୍ୱତଃସ୍ଫୂର୍ତ୍ତଭାବେ । କାରଣ ଅଧ୍ୟାତ୍ମ ସଂସ୍ଥାକୁ ସଂସାର ସଂସ୍ଥା ସଦୃଶ କଠୋର ପରମ୍ପରା ରୁଚିଗତ ବାହ୍ୟ ନିୟମବଦ୍ଧ କରିଦେଲେ ସେଥିରେ ଭାଗବତ ପ୍ରେମ ପ୍ରବେଶ କରିପାରେ ନାହିଁ । ଏହାର ଉଦାହରଣ ହେଉଛି ଆଶ୍ରମର କର୍ମସଂସ୍ଥା । ତେବେ ଭାଗବତ ପ୍ରେମ-ପଦ୍ଧତିରେ ଏହି ସଂସ୍ଥାକୁ ସଂଗଠିତ କରିବା ସକାଶେ କୌଣସି ପ୍ରକାର ବ୍ୟକ୍ତିଗତ ପ୍ରୟାସ ଆବଶ୍ୟକ ନା ସ୍ୱତଃସ୍ଫୂର୍ତ୍ତଭାବେ ହେବ ?

ଉତ୍ତର : ବ୍ୟକ୍ତିଗତ ପ୍ରୟାସ ଆବଶ୍ୟକ । ଯେପରି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସାଧନା କରନ୍ତି ଭାଗବତୀ ଶକ୍ତି, ତାଙ୍କରି କ୍ରିୟା ସକାଶେ ବ୍ୟକ୍ତିକୁ ଅଭୀପ୍ସା, ସମର୍ପଣ ଦ୍ୱାରା ନିଜ ଆଧାରକୁ ପ୍ରସ୍ତୁତ କରିବାକୁ ହୁଏ; ସେହିପରି ଏହି ଭାଗବତ ସଂସ୍ଥାର ସଂଗଠନ କାର୍ଯ୍ୟ କରନ୍ତି ଅତିମାନସ ଶକ୍ତି; କିନ୍ତୁ ତାଙ୍କର ଯନ୍ତ୍ର ହେବା ସକାଶେ ବ୍ୟକ୍ତିକୁ କରିବାକୁ ହୁଏ ଭାଗବତ କର୍ମ ।

ପ୍ରଶ୍ନ : ଏହି ସଂଗଠନ କାର୍ଯ୍ୟ କ୍ରିୟାତ୍ମକରୂପେ କିପରି ଆଚରଣ କରିବାକୁ ହେବ ? ଏହା କରିବା ପୂର୍ବରୁ ପ୍ରଥମରେ କୁହ, ଏହିପରି କର୍ମ ଦ୍ୱାରା ମା'ଙ୍କ ସଂସ୍ଥା ସଂଗଠନ ସହଜରେ ହୋଇପାରିବ, ସେ ସକାଶେ ଏହାର ଏତେ ପ୍ରଶଂସା କଲ ନା ଏଥିରେ ଯଥାର୍ଥ ସତ୍ୟତା ଅଛି ?

ଉତ୍ତର : ଏହା କେବଳ ପ୍ରଶଂସା ନୁହେଁ, ଏହା ଯଥାର୍ଥ ଅସନ୍ଦିଗ୍ଧ, ନିରାଟ, ଅନୁଭୂତିପ୍ରାପ୍ତ, ସମ୍ପୂର୍ଣ୍ଣ ସତ୍ୟ । ଏହି ଭାଗବତ କର୍ମ ଏତେ ମହାନ୍, ଏତେ ବିଶାଳ, ଏତେ ପ୍ରଭାବଯୁକ୍ତ ଏବଂ ଏତେ ଐଶ୍ୱର୍ଯ୍ୟପୂର୍ଣ୍ଣ ଯେ ଏହାକୁ ଭାଷାରେ ବ୍ୟକ୍ତ କରିବା ଅସମ୍ଭବ; ଏହାର ଯେତେ ପ୍ରଶଂସା କରାହେବ ତାହା ହେବ ସାମାନ୍ୟ, ସୂର୍ଯ୍ୟଙ୍କୁ ଦୀପକ ସଙ୍ଗେ ତୁଳନା କରିବା ସଦୃଶ । ଏହି ଭାଗବତ କର୍ମ ଦ୍ୱାରା ବ୍ୟକ୍ତି ଭଗବାନଙ୍କର ଅତ୍ୟନ୍ତ ନିକଟ, ଅତ୍ୟନ୍ତ ପ୍ରିୟ ହୋଇପାରେ ଏବଂ ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ପୂର୍ଣ୍ଣରୂପେ ଏକ ହୋଇପାରେ ।

## ଲକ୍ଷ୍ୟ

ବ୍ୟକ୍ତି ଏହି କର୍ମ ଆଚରଣ କରିବାକୁ ଚାହିଁଲେ ଏହି କର୍ମ ଦ୍ୱାରା ସେ ଯେଉଁ ଲକ୍ଷ୍ୟରେ ପହଞ୍ଚିବ ସେହି ଲକ୍ଷ୍ୟକୁ ସେ ଆନ୍ତରିକତା ସହ ବୁଝିବ ଏବଂ ଗ୍ରହଣ କରିବ ।

ଲକ୍ଷ୍ୟ ହେଉଛି — ସଚ୍ଚିଦାନନ୍ଦ ଭଗବାନଙ୍କ ସହିତ ବ୍ୟକ୍ତି ମନ-ପ୍ରାଣ-ଶରୀରରେ ସର୍ବଥା ପୂର୍ଣ୍ଣ ଏକତ୍ୱପ୍ରାପ୍ତ ହୋଇଥିବା ସତ୍ତ୍ୱେ ପୃଥକ୍ ରହିବ । ଭଗବାନ୍ ହେଉଛନ୍ତି ସମସ୍ତ ଆନନ୍ଦ, ସମସ୍ତ ଶାନ୍ତି, ସମସ୍ତ ଐଶ୍ୱର୍ଯ୍ୟର ଅଥଳ, ଅନନ୍ତ ସମୁଦ୍ର । ସେହି ସମୁଦ୍ରର ଏକକଣା ସଦୃଶ ଏହି ସଂସାରରେ ବିକୃତରୂପେ ଆନନ୍ଦ, ଶାନ୍ତି ତଥା ଐଶ୍ୱର୍ଯ୍ୟର ପ୍ରକାଶ ହୋଇଛି । ସେହି ଆନନ୍ଦ ସମୁଦ୍ରକୁ ପ୍ରାପ୍ତ ହେବାରେ ପ୍ରବଳ ପ୍ରତିବନ୍ଧକ, ଘୋର ଅନ୍ତରାୟ ଆମ୍ଭମାନଙ୍କ ଅହଂ ଏବଂ ସ୍ୱାର୍ଥ । ଅହଂ-ସ୍ୱାର୍ଥର କାରଣ ହେଉଛି ଏହି ଜାଗତିକ ତୁଚ୍ଛ, କ୍ଷଣିକ ନାମ-ଯଶଃ-ଅଧିକାର-ଲାଳସା ଅଥବା ଜାଗତିକ ସୁଖଭୋଗ । ଯାହାର ପରିଣାମ ଦୁଃଖ, ଦ୍ୱନ୍ଦ୍ୱ, ଅଶାନ୍ତି, ହିଂସା, ଦ୍ୱେଷ । ବିବେକୀ ବ୍ୟକ୍ତି ଏହି ଅମୃତତୁଲ୍ୟ ଲକ୍ଷ୍ୟକୁ ବୁଝିପାରିଲେ ବିଷତୁଲ୍ୟ ଅହଂ-ସ୍ୱାର୍ଥକୁ କଦାପି କର୍ମରେ ପ୍ରୟୋଗ କରିବାକୁ ଚାହିଁବ ନାହିଁ । ଏହି ଲକ୍ଷ୍ୟପ୍ରାପ୍ତି ତୁଳନାରେ ଇନ୍ଦ୍ର, ଚନ୍ଦ୍ର, ବରୁଣ, କୁବେରାଦି ଲୋକର ଐଶ୍ୱର୍ଯ୍ୟ ତୁଚ୍ଛ ପ୍ରତୀତ ହେବ ।

ଅନ୍ୟ କାରଣ ହେଲା, ଭାଗବତ କର୍ମ ଆଚରଣ କରିବାକୁ ହେଲେ ଅନ୍ୟ ବ୍ୟକ୍ତି ସହିତ ଭଗବତ୍ ପ୍ରେମର

ସମ୍ପର୍କ ରଖିବାକୁ ହୁଏ ଏବଂ ବ୍ୟବହାର କରିବାକୁ ହୁଏ । ଭଗବତ୍ ପ୍ରେମର ଅହଂ-ସ୍ୱାର୍ଥ ବିରୋଧୀ ବସ୍ତୁ । ଅହଂ-ସ୍ୱାର୍ଥ ବର୍ଜନ ନ କଲେ ଭାଗବତ ପ୍ରେମ ନିଜ ଅନ୍ତରରେ ପ୍ରତିଷ୍ଠା ହୁଏ ନାହିଁ କିଂବା ସେ ବ୍ୟକ୍ତି ଦ୍ୱାରା ଭାଗବତ କର୍ମ କିଂବା ଭାଗବତ ସଂସ୍ଥା-ସଂଗଠନ କାର୍ଯ୍ୟ ହୁଏ ନାହିଁ । ସଂଗଠନ କାର୍ଯ୍ୟ ହୁଏ ଅନ୍ୟ ବ୍ୟକ୍ତିଙ୍କ ସହିତ । ନିଜ ମଧ୍ୟରେ ଅହଂ-ସ୍ୱାର୍ଥ କ୍ରିୟାଶୀଳ ଥିଲେ ସେ ନିଜେ ବଡ଼ ଏହି ଭାବ ତଥା ଅଧିକାର ଏବଂ ନାମ-ଯଶଃ-ସ୍ୱାର୍ଥର ଲାଳସା ତ୍ୟାଗ କରି ପାରେ ନାହିଁ, ଏହା ତ୍ୟାଗ ନ କଲେ ବ୍ୟକ୍ତିର ସଂଗଠନ କାର୍ଯ୍ୟରେ ଅନ୍ୟ ବ୍ୟକ୍ତି ଆନ୍ତରିକତାସହ ଯୋଗ ଦେଇ ପାରନ୍ତି ନାହିଁ । ସେହି ସକାଶେ ସେ ବ୍ୟକ୍ତି ଭାଗବତ ସଂଗଠନ କାର୍ଯ୍ୟରେ କୃତକାର୍ଯ୍ୟ ହୁଏ ନାହିଁ । ଆନ୍ତରିକତାସହ ବ୍ୟକ୍ତି ଭାଗବତ କର୍ମ ଏବଂ ସଂଗଠନ କାର୍ଯ୍ୟ କରିବାକୁ ଚାହିଁଲେ ସ୍ୱତଃସ୍ଫୂର୍ତ୍ତଭାବେ ମା'ଙ୍କ କୃପାରୁ ଅହଂ-ସ୍ୱାର୍ଥ ରୂପାନ୍ତର ନ ହେବା ପର୍ଯ୍ୟନ୍ତ କ୍ରିୟାଶୀଳ ହୁଏ ନାହିଁ । ଯେଉଁ ଅହଂ-ସ୍ୱାର୍ଥ ପୁରାତନ ଯୋଗର କଠୋର ତପସ୍ୟା, ସଂଯମ-ନିୟମ, ବିବେକ-ବିଚାର, ଗଭୀର ଧ୍ୟାନ ଦ୍ୱାରା ଦୂର ହୁଏ ନାହିଁ ବରଂ ମହାନ୍ ସାଧକ ହେବା ଧାରଣା ଦ୍ୱାରା ବଢ଼େ ସେହି ଅହଂ-ସ୍ୱାର୍ଥ ଭାଗବତ କର୍ମ ଆଚରଣ କରିବାରେ ଅତିମାନସ ଶକ୍ତି ଦ୍ୱାରା କ୍ରମଶଃ ସହଜରେ ରୂପାନ୍ତରିତ ହୁଏ । ଏହି କାରଣରୁ ଲକ୍ଷ୍ୟପ୍ରାପ୍ତିର ମହାନ୍ ଉତ୍କୃଷ୍ଟ ସାଧନ ଭାଗବତ କର୍ମ ।

ଏହା ସୁଲଭ ହେବାର ଅନ୍ୟ କାରଣ ହେଲା – ପ୍ରତ୍ୟେକ ବ୍ୟକ୍ତି ଆଜନ୍ମରୁ କର୍ମରେ ଅଭ୍ୟସ୍ତ, ଏହାକୁ ଭାଗବତ କର୍ମରେ ପରିଣତ କରିବା ଖୁବ୍ ସହଜ ।

ଏହି ଭାଗବତ କର୍ମ ମହାନ୍ ଶକ୍ତିଶାଳୀ ହେବାର ଲକ୍ଷଣ ହେଲା – ଏହି ଯୋଗରେ ବ୍ୟକ୍ତିର ମନ-ପ୍ରାଣ-ଶରୀର ରୂପାନ୍ତରିତ ହୁଏ ଭାଗବତୀ ଅତିମାନସ ଶକ୍ତିର କ୍ରିୟାରେ । ଏହାଛଡ଼ା ଲକ୍ଷ୍ୟପ୍ରାପ୍ତି ଏକେବାରେ ସମ୍ଭବ ନୁହେଁ । ଭାଗବତୀ ଶକ୍ତି ବ୍ୟକ୍ତି ଆଧାରରେ ଅବତରଣ କରେ, ଭାଗବତ କର୍ମରେ ତଥା ଧ୍ୟାନ ଦ୍ୱାରା ବିକ୍ଷିପ୍ତ ଚେତନା ଏକାଗ୍ର ହେବାରେ । ସାଧନାର ପ୍ରଥମ ଅବସ୍ଥାରେ ଧ୍ୟାନ ଦ୍ୱାରା ବିକ୍ଷିପ୍ତ ଚେତନା ଏକାଗ୍ର ହେବା ସମସ୍ତ ବ୍ୟକ୍ତିଙ୍କ ପକ୍ଷେ ସହଜ ନୁହେଁ । କିନ୍ତୁ ଭାଗବତ କର୍ମରେ ଏକାଗ୍ରତା କରିବା ସମସ୍ତ ବ୍ୟକ୍ତିଙ୍କ ପକ୍ଷେ ସହଜ ହୁଏ । ପୂର୍ବେ କୁହାହୋଇଛି ଯେ ପ୍ରତ୍ୟେକ ବ୍ୟକ୍ତିର ଚେତନାକୁ ଏକାଗ୍ର କରିବା ଅଭ୍ୟାସ ନ ଥାଏ । କିନ୍ତୁ କର୍ମ ଜନ୍ମଗତ ଅଭ୍ୟାସ ଥିବାରୁ ତାହା ଭାଗବତ କର୍ମରେ ପରିଣତ କରିବା ସହଜ ହୁଏ । ସୁତରାଂ ଏହି ଭାଗବତ କର୍ମ ମଧ୍ୟ ଦେଇ ଭାଗବତୀ ଅତିମାନସ ରୂପାନ୍ତରକାରୀ ଶକ୍ତି ସହଜରେ ବ୍ୟକ୍ତିର ମନ-ପ୍ରାଣ-ଶରୀର ଆଧାରରେ ଅବତରଣ କରେ ଏବଂ ରୂପାନ୍ତର କରେ । ଏହି ଯୋଗର ରୂପାନ୍ତର କ୍ରିୟା ହୁଏ ଭାଗବତୀ ଶକ୍ତିର ଅବତରଣରେ । ଯୋଗ-ସିଦ୍ଧିର ମହତ୍ତ୍ୱପୂର୍ଣ୍ଣ ରହସ୍ୟ ବା ଚାବି ହେଉଛନ୍ତି ଭାଗବତୀ ଶକ୍ତି । ଭାଗବତ କର୍ମ ଦ୍ୱାରା ଭାଗବତୀ ଶକ୍ତିର ଅବତରଣ ସହଜରେ ହେଉଥିବାରୁ ଏହି କର୍ମ ବିଶେଷ ଶକ୍ତିଶାଳୀ ।

ପ୍ରଶ୍ନ : କେଉଁ ପ୍ରଣାଳୀରେ କର୍ମ ଆଚରଣ କଲେ ସ୍ୱତଃସ୍ଫୂର୍ତ୍ତଭାବେ ଭାଗବତ ପ୍ରଣାଳୀରେ ସଂସ୍ଥା ସଂଗଠିତ ହେବ ?

ଉତ୍ତର : ହେବ ଅହଂ-ସ୍ୱାର୍ଥ ରହିତ ପରସ୍ପର ସାହାଯ୍ୟ ହାର୍ଦ୍ଦିକ ନିଷ୍କପଟ ପ୍ରେମ ଦ୍ୱାରା । ଯେଉଁ ବ୍ୟକ୍ତି ଭାଗବତ କର୍ମର ମହତ୍ତ୍ୱ ହୃଦୟଙ୍ଗମ କରିପାରିବେ ସେହିମାନେ ଅହଂ-ସ୍ୱାର୍ଥ ତ୍ୟାଗ କରି ସମସ୍ତ ଭିନ୍ନ ଭିନ୍ନ ସଂସ୍ଥା ମା'ଙ୍କର ଜାଣି ପ୍ରତ୍ୟେକ ସଂସ୍ଥାର ଉନ୍ନତି ଆନ୍ତରିକଭାବେ ଚାହିଁବେ ଏବଂ ସାହାଯ୍ୟ କରିବେ । ଏହିପରି ଅଳ୍ପ ସଂଖ୍ୟାରେ କେତେଜଣ ବ୍ୟକ୍ତିଙ୍କ କର୍ମ ଦ୍ୱାରା ଭାଗବତ ପ୍ରଣାଳୀ ଅନୁସାରେ ସଂସ୍ଥାସବୁ କ୍ରମଶଃ ବଢ଼ି ଉଠିବେ ।

ଓଡ଼ିଶାରେ ମା'ଙ୍କ ଆଦର୍ଶ ପ୍ରସାର କାର୍ଯ୍ୟର ଭିନ୍ନ ଭିନ୍ନ ବିଭାଗ ଯାହା ଅନୁଷ୍ଠିତ ହେଉଛି ଏବଂ ଯାହା ଭବିଷ୍ୟତରେ ଅନୁଷ୍ଠିତ ହେବ, ଯାହାର ପ୍ରତିଷ୍ଠା ଏବଂ ସଂଗଠନ ବିଷୟରେ ଏହି ପୁସ୍ତକରେ ବିଚାର କରାହୋଇଛି ସେହିସବୁ ବିଭାଗର କାର୍ଯ୍ୟକ୍ରମ ଏହିଠାରେ ଆଲୋଚନା କରିବା ।

## ମା'ଙ୍କ ଆଦର୍ଶ-ପ୍ରସାରର ଭିନ୍ନ ଭିନ୍ନ ବିଭାଗ

(୧) ଶ୍ରୀଅରବିନ୍ଦ ଏବଂ ମା'ଙ୍କ ଯୋଗ-ଦର୍ଶନର ମୂଳଗ୍ରନ୍ଥରୁ ଓଡ଼ିଆ ଅନୁବାଦ ଏବଂ ସେହି ବିଷୟ ସରଳ ସାଧାରଣ ବ୍ୟକ୍ତିଙ୍କ ବୋଧଗମ୍ୟ ସରଳ ଭାଷାରେ ପତ୍ରପତ୍ରିକା ଦ୍ୱାରା ପ୍ରକାଶନ – ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରସାରରେ ଏହା ଗୋଟିଏ ଆବଶ୍ୟକ ଅଙ୍ଗ ।

(୨) ଓଡ଼ିଶାର ବିଭିନ୍ନ ସ୍ଥାନରେ ଯେଉଁସବୁ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀ ଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ରସଂଘ, ଶ୍ରୀଅରବିନ୍ଦ ଯୁବସଂଘ ପ୍ରତିଷ୍ଠିତ ହୋଇଛି ତାହାସବୁ ବ୍ୟବସ୍ଥିତ ତଥା ସେସବୁର ପ୍ରସାର ସକାଶେ ସମ୍ମିଳନୀ ହେବା ତଥା ସ୍ଥଳବିଶେଷରେ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ତଥା ଫଟୋବିକ୍ରିର ବ୍ୟବସ୍ଥା କରିବା ଆବଶ୍ୟକ ।

(୩) ପାଠଚକ୍ରର ସ୍ୱତନ୍ତ୍ର ଗୃହ-ନିର୍ମାଣ, ଆଶ୍ରମ ଶିକ୍ଷା-କେନ୍ଦ୍ର ଆଦର୍ଶରେ ସ୍କୁଲ, କଲେଜ ନିର୍ମାଣ, ବ୍ୟାୟାମଶାଳାର ବ୍ୟବସ୍ଥା ହେବା ଉଚିତ ।

(୪) ସ୍ଥଳବିଶେଷରେ ତଥା ସୁବିଧା ଅନୁସାରେ ଗୃହଶିଳ୍ପ, ବ୍ୟବସାୟ, କୃଷି ଇତ୍ୟାଦି ଭାଗବତ କର୍ମ ପ୍ରଣାଳୀରେ ନିକଟ ଭବିଷ୍ୟତରେ କରାଯାଇ ପାରେ । ନାଗରିକ ଜୀବନରେ ଯେଉଁସବୁ କର୍ମର ଆବଶ୍ୟକ ତାହାସବୁ ସମୟ ଅନୁସାରେ ଭାଗବତ କର୍ମ ପ୍ରଣାଳୀରେ କରାହେବ । ଏହା ଶ୍ରୀଅରବିନ୍ଦଙ୍କ ଯୋଗର ଭବିଷ୍ୟତ୍ ଅତିମାନସ ଜଗତ୍ ପ୍ରତିଷ୍ଠା ସକାଶେ ଆବଶ୍ୟକ ସାଧନା ।

(୫) ବର୍ତ୍ତମାନ ସବୁଠାରୁ ଯେଉଁ କାର୍ଯ୍ୟ ବିଶେଷ ଆବଶ୍ୟକ ତାହା ହେଉଛି ଦର୍ଶନ ସମୟରେ ଓଡ଼ିଶାରୁ ଆଶ୍ରମ ଆସୁଥିବା ଭକ୍ତମାନଙ୍କର ରହିବା ବ୍ୟବସ୍ଥା ।

ଉପରେ ଆଲୋଚିତ ସମସ୍ତ କର୍ମ ବା ସଂସ୍ଥା ଅଧ୍ୟାତ୍ମ ଅତିମାନସ ପ୍ରଣାଳୀରେ ବ୍ୟବସ୍ଥିତ ବା ସଂଗଠିତ ହେବା ଶ୍ରୀଅରବିନ୍ଦ ଯୋଗର ଉଦ୍ଦେଶ୍ୟ । ଆମ୍ଭମାନଙ୍କୁ ସତତ ସ୍ମରଣ ରଖିବାକୁ ହେବ ଏହି ସଂସ୍ଥା ଯଦ୍ୟପି ଜାଗତିକ ସଂସ୍ଥା ସଦୃଶ ତଥାପି ଏହାର ଉଦ୍ଦେଶ୍ୟ ବା ଲକ୍ଷ୍ୟ ଏବଂ ପରିଚାଳନା ପ୍ରଣାଳୀ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହା ପରିଚାଳିତ ହେବ ଆନ୍ତରିକ ପ୍ରେମ, ସହୃଦୟତା, ପରସ୍ପରଙ୍କ ସାହାଯ୍ୟ ଓ ସହାନୁଭୂତି ଦ୍ୱାରା, ସଂଗଠିତ ହେବ ଏହିସବୁ ସଂସ୍ଥାକୁ ମା'ଙ୍କର ପୃଥିବୀରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠାର ଗୋଟିଏ ଅଙ୍ଗରୂପେ ଗ୍ରହଣ କରିବାରେ ।

ଯେଉଁଠାରେ ପାଠଚକ୍ର-ସମ୍ମିଳନୀ, ପାଠଚକ୍ର-ଗୃହ-ନିର୍ମାଣ, ସ୍କୁଲ ପ୍ରତିଷ୍ଠା, ଛାତ୍ରସଂଘ-ସମ୍ମିଳନୀ ଇତ୍ୟାଦି କାର୍ଯ୍ୟ ହେଉଛି ସେଥିରେ ଅନ୍ୟାନ୍ୟ ପାଠଚକ୍ର ସାହାଯ୍ୟ ଦେଇ ସେଗୁଡ଼ିକୁ ସର୍ବାଙ୍ଗସୁନ୍ଦର କରିବା ଉଚିତ । ଏହିସବୁ ସାହାଯ୍ୟ ଦ୍ୱାରା ପରସ୍ପର ମଧ୍ୟରେ ସହୃଦୟତା ବୃଦ୍ଧି ହେବ ଏବଂ ସ୍ୱତଃସ୍ଫୂର୍ତ୍ତଭାବେ ସଂସ୍ଥାମାନ ସଂଗଠିତ ହେବେ ।

ଯେଉଁ ଜିଲ୍ଲାରେ ଯେଉଁ ଜିଲ୍ଲାର ପାଠଚକ୍ର ଅନ୍ୟାନ୍ୟ ପାଠଚକ୍ରର କାର୍ଯ୍ୟରେ ଅଧିକ ସାହାଯ୍ୟ କରିବେ ସେହି ଜିଲ୍ଲାର ଅନ୍ୟାନ୍ୟ ପାଠଚକ୍ର ବା ଅନ୍ୟାନ୍ୟ ସଂସ୍ଥା ସ୍ୱତଃସ୍ଫୂର୍ତ୍ତଭାବେ ହାର୍ଦ୍ଦିକ ପ୍ରେମରେ ତାକୁ ଜିଲ୍ଲା ସଂସ୍ଥାର କେନ୍ଦ୍ରରୂପେ ଗ୍ରହଣ କରିବେ । ତେବେ ସ୍ୱତଃସ୍ଫୂର୍ତ୍ତଭାବେ ସଂଗଠନ ହୋଇପାରିବ ।

ସୃଷ୍ଟି ଆରମ୍ଭରୁ ଏପରି ସୁଯୋଗ ମନୁଷ୍ୟକୁ କେବେ ବି ପ୍ରାପ୍ତ ହୋଇ ନ ଥିଲା । ଏହା ଆମ୍ଭମାନଙ୍କର ମହାନ୍ ସୌଭାଗ୍ୟର ବିଷୟ । ଆମ୍ଭେମାନେ ଏହି ସେବାର ପରଶମଣିଠାରୁ ମହାନ୍ ଅମୂଲ୍ୟ ରତ୍ନ ପାଇଛୁ । ଶବର ଗଜମୁକ୍ତାର ମହତ୍ତ୍ୱ ନ ଜାଣି ସେରେ ଶାଗକୁ ବିକ୍ରି କରିବା ସଦୃଶ ଅହଂ-ସ୍ୱାର୍ଥରେ ବଶୀଭୂତ ହୋଇ ଏଥିରୁ ବିମୁଖ ହେବା ଯେଉଁ ମହାନ୍ ଭୁଲ୍ ସେଥିରୁ ମୁକ୍ତ ରହିବା ସକାଶେ ମା'ଙ୍କ ଚରଣରେ ଛୋଟଶିଶୁ ସଦୃଶ ନିଜକୁ ସମର୍ପଣ କରି ମା' ଏହି ନାମ ଜପ ନିରନ୍ତର କରିବା ଉଚିତ – ଏହାହିଁ ଭାଗବତ କର୍ମର ଯନ୍ତ୍ର ହେବାର ଉପାୟ ।